### ମହିଳାଙ୍କ ଆତ୍ମହତ୍ୟା

ଉମରକୋଟ,(ସ୍ୱ.ପ୍ର.)- ଉମରକୋଟ ପୌରପରିଷଦ ଅଧୀନ ୬ ନଂ ୱାର୍ଡରେ ଜଣେ ମହିଳା ବେକରେ ଓଢ଼ଣୀ ଲଗାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପ୍ରିୟଙ୍କା ନାୟକ(୨୬)। ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଏସଆଇ ସନ୍ତୋଷ କୁମାର ମାଝୀ, ଏସଆଇ ନିଳିମା ପାଣିଗ୍ରାହୀ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡ. ହିମାଞ୍ଚଳ ମାଝୀଙ୍କ ଉପସ୍ଥିତିରେ ମୃତ ଦେହ ପଞ୍ଚନାମା କରାଯାଇଛି। ରବିବାର ବ୍ୟବଚ୍ଛେଦ କରାଯିବ। ପ୍ରିୟଙ୍କା ସକାଳେ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ପରେ ସେ ଫ୍ୟାନରେ ଝୁଲି ପଡ଼ିଥିଲେ। ପ୍ରିୟଙ୍କାଙ୍କ ବାପଘର ହେଉଛି ନବରଙ୍ଗପୁର ଜିଲା ଡଙ୍ଗରଭେଜା ଅଞ୍ଚଳରେ। ତାଙ୍କର ୪ ବର୍ଷର ଝିଅ ଅଛି। ସ୍ୱାମୀ ଓ ଶାଶୁ ପ୍ରିୟଙ୍କାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିବାରୁ ସେ ଆତ୍ମହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ପିଛା ଛାଡୁନି ବର୍ଷା, ଚିନ୍ତାରେ ଚାଷୀ

ମାଥିଲି,୮।୪(ଡି.ଏନ୍.ଏ.)- ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ପ୍ରବଳ ବର୍ଷା ଏବଂ କୁଆପଥର ମାଡ଼ରେ ବ୍ୟାପକ ଫସଲ କ୍ଷତି ହୋଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲା ମାଥିଲରେ ଅନେକ ଚାଷ ଜମି ଉଜୁଡ଼ିପଡ଼ିଛି। ବିଶେଷ କରି ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏପ୍ରିଲ ମାସର ଗୋଟିଏ ସପ୍ତାହ ଶେଷହେବାକୁ ବସିଲାଣି ତଥାପି ବର୍ଷା ଛାଡୁନାହିଁ। ରବି ଫସଲ ଅମଳ ହେବାକୁ ଆଉ ଅଳ୍ପ ଦିନ ରହିଛି। ଫଳରେ ଚାଷୀ ଏବେ ଚିନ୍ତାରେ। ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ଆକଳନ ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିନାହିଁ। ଏବେ ପୁଣି ବର୍ଷା ସୂଚନା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। ଆଗକୁ ଯଦି ବର୍ଷା ହୁଏ ବାକି ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବ ବୋଲି ଚାଷୀମାନେ କହିଛନ୍ତି।

### 'ଜିଲାରେ ହେବ ୬ କମ୍ୟୁନିଟି ସେଣ୍ଟର'

କୋରାପୁଟ,୮।୪(ସ୍ୱ.ପ୍ର.)-ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଉପଦେଷ୍ଟା ତାହେର ଖାତୁନ ନିକଟରେ ୨ଦିନିଆ କୋରାପୁଟ ଜିଲା ଗସ୍ତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସମୀକ୍ଷା ବୈଠକରେ ଖାତୁନ ଅଧକ୍ଷତା କରି କୋରାପୁଟ ଜିଲାରେ ୬ଟି କମ୍ୟୁନିଟି ସେଣ୍ଟର ହେବ ବୋଲି ପ୍ରକାଶ କରିଥିଲେ। ଏଯାବତ୍ ୪ଟି ସେଣ୍ଟର ପାଇଁ ଅନୁଦାନ ପ୍ରଦାନ କରାଯାଇଛି। ସେଥିରୁ ଗୋଟିକର କାର୍ଯ୍ୟ ଶେଷ ହୋଇଛି। ଅନ୍ୟ କମ୍ୟୁନିଟି ସେଣ୍ଟରଗୁଡ଼ିକର କାର୍ଯ୍ୟ ଲାଗି ଆବଶ୍ୟକ ଅନୁଦାନ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ବୈଠକରେ ସଂଖ୍ୟାଲଘୁ ପିଲାମାନଙ୍କ ନିମନ୍ତେ ଆବଶ୍ୟକ ଷ୍ଟାଇପେଣ୍ଡ ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବିଭିନ୍ନ ବ୍ୟକ୍ତିଙ୍କ ସହ ଖାତୁନ ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ମୁସଲମାନ ସମ୍ପ୍ରଦାୟର କର୍ମକର୍ତ୍ତାମାନେ ତାଙ୍କୁ ସେମାନଙ୍କ ପାଇଁ ଆବଶ୍ୟକ ଥିବା କବରଖାନା, ମସ୍‌ଜିଦ ଆଦି ସମ୍ପର୍କରେ ଖାତୁନଙ୍କୁ ଜଣାଇଥିଲେ। ଦ୍ୱିତୀୟ ଦିନରେ ଖାତୁନ ସୁନାବେଡ଼ା ଗସ୍ତ କରିଥିଲେ। ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ପଲ୍ଲବ ଲିମା, ଏମ୍‌ଡି ଏ.କେ. ଖାନ, କୋରାପୁଟ ଜିଲା ପାଷ୍ଟର ସଂଘ ସଭାପତି ଜିତେନ୍ଦ୍ର ଖୋସ୍ଲା, ସମ୍ପାଦକ ସୁଧାକର ଖୋସ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଜଣଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



କୋରାପୁଟ,୮।୪ (ସ୍ୱ.ପ୍ର.)- ଗୋଟିଏ କାର୍ଯ୍ୟାଳୟର ୨ ଜଣଙ୍କୁ ଏକା ସାଙ୍ଗରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ ଜୟପୁରସ୍ଥିତ ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରା ଏବଂ ହିସାବ ରକ୍ଷକ ପ୍ରଶାନ୍ତ କୁମାର ମିଶ୍ର। ଗତ ୩୧ରୁ ଦୁହେଁ କାର୍ଯ୍ୟରୁ ଅବସର ନେଇଥିଲେ। ଶନିବାର ପିଡବ୍ଲୁଡି କାର୍ଯ୍ୟାଳୟରେ କୋରାପୁଟ ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟନାରାୟଣ ଖୁରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁହିଁଙ୍କୁ ଉପଢ଼ୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ୨ ଜଣଙ୍କୁ ପ୍ରୋଭିଜିନାଲ ପେନ୍‌ସନ କାଗଜ ପତ୍ର ପ୍ରଦାନ କରିଥିଲେ। ସଭାରେ କାର୍ଯ୍ୟାଳୟର ସମସ୍ତ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### କରୋନା ଆକ୍ରାନ୍ତ ଚିହ୍ନଟ

ଜୟପୁର, ୮।୪ (ନି.ପ୍ର.)-ଗତ ୨୪ ଘଣ୍ଟା ଭିତରେ ଜୟପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କରୋନା ପୁଣି ଦେଖାଦେଇଥିବାରୁ ଘରୁ ବାହାରିବା ସମୟରେ ମାସ୍କ ପରିଧାନ କରିବା ସହ ସମଦୂରତା ରକ୍ଷା କରିବା ଲାଗି ପ୍ରଶାସନ ପରାମର୍ଶ ଦେଇଛି।

# ଶିଶୁ ଉଦ୍ୟାନରେ ତାଲା, ଉନ୍ନତୀକରଣ ନାଁରେ ଚାଲିଛି ଖର୍ଚ୍ଚ

ନବରଙ୍ଗପୁର,୮।୪(ବି.ପ୍ର.)



ବନ୍ଦ ରହିଥିବା ଶିଶୁଉଦ୍ୟାନ ।

ନବରଙ୍ଗପୁର ପୌର ପରିଷଦ ୧୭ଟି ୱାର୍ଡକୁ ନେଇ ଗଠିତ। ଏହି ସହରବାସୀଙ୍କ ଆମୋଦ ପ୍ରମୋଦ ପାଇଁ ଏକମାତ୍ର ଶିଶୁ ଉଦ୍ୟାନ କୃଷକ ବଜାରକୁ ଲାଗି ରହିଛି । ଯାହାକି, ୪ ବର୍ଷ ହେଲା ତାଲା ପଡି ରହିଛି। ଏଠାରେ ପିଲାଙ୍କ ଖେଳିବା ପାଇଁ ଦୋଳି ଓ ଖସଡ଼ା ଓ ବ୍ୟାୟାମ ପାଇଁ ରହିଥିବା ଯନ୍ତ୍ର, ସରଞ୍ଜାମ ସବୁ କଳଙ୍କି ଲାଗିଗଲାଣି। ଏପଟେ କିନ୍ତୁ ଉଦ୍ୟାନର ଉନ୍ନତୀକରଣ ପାଇଁ ପୌର ପରିଷଦ ପକ୍ଷରୁ ନିୟମିତ ବ୍ୟବଧାନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ଏବେ ପିଲାମାନଙ୍କ ପରୀକ୍ଷା ସରିଛି । ସହରର କେଉଁ ଆଡେ ବୁଲିବା ପରିବର୍ତ୍ତେ ଉଦ୍ୟାନକୁ ଖେଳିବା ବୁଲିବାକୁ ଗଲେ ତାଲା ପଡିଥିବା ଦେଖି ମନଦୁଃଖରେ ଫେରି ଆସୁଛନ୍ତି । ସେହିପରି ବରିଷ୍ଠ ନାଗରିକମାନେ ମଧ୍ୟ ସନ୍ଧ୍ୟାରେ ଚଲାବୁଲା କରିବା ପାଇଁ ଉଦ୍ୟାନକୁ ଖୋଲିବା ପାଇଁ ଦାବି କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ।

୨୦୦୦ ନଭେମ୍ବର ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏହି ଶିଶୁ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ । ପରବର୍ତ୍ତୀ ସମୟରେ ପୁଣି ଅନେକଥର ଉନ୍ନୟନ କାର୍ଯ୍ୟ କରାଗଲା। ୨୦୨୧ ଜୁଲାଇ ୧୮ ତାରିଖରେ ଯୁବସେବା ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ସ୍ମାର୍ଟ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ସେହିଦିନଠାରୁ ଉନ୍ନୟନ କାର୍ଯ୍ୟ ଦୂରେ ଥାଉ ଉଦ୍ୟାନରେ ୨୪ ଘଣ୍ଟା ତାଲା ପଡି ରହୁଛି। ଉଦ୍ୟାନ ପରିସରରେ ଲାଗିଥିବା ଲାଇଟ ଗୁଡିକ ମଧ୍ୟ ଏବେ ଆଉ ନାହିଁ । ଭିତରେ ନିର୍ମାଣ ହୋଇଥିବା ରାସ୍ତା ଭୁଶୁଡି ଗଲାଣି । ସବୁଆଡେ ଏବେ ଅନାବନା ଗଛ ଦେଖିବାକୁ ମିଳୁଛି ଏନେଇ ପୌର ପ୍ରଶାସନ ଓ ଜିଲାପାଳ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱରତ୍ ସହ ନେଇ ଉଦ୍ୟାନର ଉନ୍ନତି କରଣ କରିବା ସହ ତାଲା ଖୋଲିବା ବ୍ୟବସ୍ଥା କରିବାକୁ ଦାବି ହେଉଛି ।

# ମା' ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ



ଘଟଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ।

କୋଡ଼ିଙ୍ଗା,୮।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର କୋଡ଼ିଙ୍ଗା ପଞ୍ଚାୟତରେ ଗ୍ରାମଦେବୀ ମାଁ ଠାକୁରାଣୀଙ୍କ ୯ଦିନ ଧରି ଚାଲିଥିବା ଘଟଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି। ମା'ଙ୍କ ଘଟ ପ୍ରଥମେ କୋଡ଼ିଙ୍ଗା ଠାକୁରାଣୀ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ଦାନିଗୁଡ଼ା, ରତାଖଣ୍ଡି ଗ୍ରାମ ପରିକ୍ରମା କରିଥିଲା। ବିଭିନ୍ନ ପଟୁଆର ସହ ବାହାରି ଘଟ ବିଭିନ୍ନ ସାହି ଗଳିମାନଙ୍କରେ ଶ୍ରଦ୍ଧାଳୁଙ୍କ ଠାରୁ ନଡ଼ିଆ, କଦଳୀ, ଧୂପ, ଦୀପ ନେଇ ପୂଜାପାଇଥିଲେ। ମା'ଙ୍କ ଆଗମନ ପାଇଁ ସମ୍ପୂର୍ଣ୍ଣ ଗାଁରେ ଆମ୍ବ ତୋରଣ ନିର୍ମାଣ କରାଯାଇଥିଲା। ଶେଷରେ ଘଟ ଗୁଡ଼ିକୁ ମନ୍ଦିର ନିକଟରେ ଉଦ୍‌ଯାପିତ କରାଯାଇଥିଲା। କୋଡ଼ିଙ୍ଗା ଗ୍ରାମ କମିଟି ଦ୍ୱାରା ଆୟୋଜିତ ଏହି ଯାତ୍ରାରେ ଅନନ୍ତରାମ ମାଝୀ, ସାହେବ ଚଲାଣ, ଧନସିଙ୍ଗ ମାଝୀ, ଯୋଗେନ୍ଦ୍ର ମାଝୀ, ସନ୍ତୋଷ ନାୟକ, ପିଣ୍ଟୁ ସିଂ, ଅଲେଖ ଚରଣ ମାଝୀ, ପ୍ରହଲ୍ଲାଦ ବିଷୋୟୀ, ଦିଲ୍ଲୀପ ମାଝି ପ୍ରମୁଖ ସହଯୋଗ କରିଥିଲେ ।

# ବିଷୁବ ସାହିତ୍ୟ ମିଳନ ପରିପ୍ରେକ୍ଷୀରେ ପ୍ରତିଯୋଗିତା

ନବରଙ୍ଗପୁର,୮।୪(ବି.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ନବରଙ୍ଗପୁର ମହାବିଦ୍ୟାଳୟ ସ୍ମାର୍ଟ କ୍ଲାସରୁମଠାରେ ସୀମାନ୍ତ ପରିବାର ଆନୁକୂଲ୍ୟରେ ଆଗାମୀ ବିଷୁବ ସାହିତ୍ୟ ମିଳନ ପାଳନ ପରିପ୍ରେକ୍ଷୀରେ ଆନ୍ତଃ ମହାବିଦ୍ୟାଳୟ କୁଇଜ, କ୍ଷୁଦ୍ର ଗଳ୍ପ, କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ସଂସ୍କୃତିଭିତ୍ତିକ କୁଇଜ ପ୍ରତିଯୋଗିତାକୁ ଜି. ଭେଙ୍କେଟ ରେଡ୍ଡୀ, ରାମକୃଷ୍ଣ ପାତ୍ର ଏବଂ ଡ଼ଃ ରଘୁନାଥ ଶତପଥି ପରିଚାଳନା କରିଥିଲେ। ସୀମାନ୍ତ ପତ୍ରିକା ସମ୍ପାଦକ ଅଶୋକ ପଟ୍ଟନାୟକ, ସୁରେଶ ଚନ୍ଦ୍ର ମିଶ୍ର ଏବଂ ଡ଼ଃ ସଂଯୁକ୍ତା ପଣ୍ଡା କ୍ଷୁଦ୍ର ଗଳ୍ପ ଓ କବିତା ଲିଖନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଦୁର୍ଗା ପ୍ରସାଦ ପାଢ଼ୀ ଏବଂ ପି. ରବିକାନ୍ତ ରଘୁରାମ ଏଥିରେ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ନବରଙ୍ଗପୁର ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ମହିଳା ମହାବିଦ୍ୟାଳୟ ଏବଂ ବିଦ୍ୟାନିକେତନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରାୟ ୮୦ ଜଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କ ସମେତ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ବିଷୁବ ସାହିତ୍ୟ ଆସର ତଥା ଓଡ଼ିଆ ନବବର୍ଷ ପାଳନ ଉତ୍ସବରେ ପୁରସ୍କୃତ କରାଯିବ । ନବରଙ୍ଗପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମହମ୍ମଦ ଜାହାଙ୍ଗୀର, ଅଧ୍ୟାପିକା ମାନସୀ ମହାପାତ୍ର, ଓଡ଼ିଆ ବିଭାଗର ଅଧ୍ୟାପିକା ଶ୍ରୀୟା ତ୍ରିପାଠୀ, ସସ୍ମିତା ବିଶ୍ୱାସରାୟ, ଅଧ୍ୟାପକ ପ୍ରିୟବ୍ରତ ସାହୁ, ଏବଂ ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଅଧ୍ୟାପକ ଦିଲୀପ ହୋତା ଓ ପୂର୍ବତନ ସଂଯୋଜକ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଭାଷା, ଜ୍ଞାନ, ତଥା ସଂସ୍କୃତି ର ପ୍ରଚାର ପ୍ରସାର ଦିଗରେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ପ୍ରଶଂସନୀୟ ହୋଇଛି ।

# କୋରାପୁଟ, ନନ୍ଦପୁରରେ ଘଡ଼ଘଡି ସହ କୁଆପଥର ବର୍ଷା

କୋରାପୁଟ (ସ୍ୱ.ପ୍ର)/ ନନ୍ଦପୁର (ଡି.ଏନ୍.ଏ.)୮।୪

କୋରାପୁଟ ସହର ସମେତ ଜିଲାର କେତେକ ସ୍ଥାନରେ ଶନିବାର ସନ୍ଧ୍ୟା ୬ଟାରୁ ଅଖପାଖ ଅଞ୍ଚଳରେ କୁଆ ପଥର, ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ କୋରାପୁଟ ସହର ସମେତ ଦୁରୁଗୁଡା, ଡୁମୁରିପୁଟ ଓ ଓଏମ୍‌ପି ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଡୁମୁରିପୁଟ ଅଞ୍ଚଳରେ ପ୍ରବଳ କୁଆପଥର ପଡ଼ିଛି। ସେହିପରି ନନ୍ଦପୁର ଅଞ୍ଚଳରେ ରାସ୍ତା, ଘର ଛାତ ଉପରେ କୁଆପଥର ବିଛାଇ ହୋଇ ପଡ଼ିଥିଲା। ଖୁର୍ଜା, ରାଇସିଂ, ଖେମୁଣ୍ଡୁଗୁଡା, ପାଡୁଆ ସମେତ ବହୁ ପଞ୍ଚାୟତରେ ଛୋଟ ବଡ଼ ଗଛ ଭାଙ୍ଗିଛି। ବର୍ଷା ଆରମ୍ଭ ହେବା ମାତ୍ରେ ବିଦ୍ୟୁତ୍ କାଟ ହୋଇଥିବାରୁ ବ୍ଲକର ୨୩ ପଞ୍ଚାୟତର ଲୋକେ ଅନ୍ଧାରରେ ରହିଥିଲେ।



ନନ୍ଦପୁର ଅଞ୍ଚଳରେ ପଡିଥିବା କୁଆ ପଥର ।

# କାମ ବନ୍ଦ କଲେ ଅସ୍ଥାୟୀ ଠିକା ଶ୍ରମିକ



## ହାଲ୍‌ରେ ଶ୍ରମିକ ଅଶାନ୍ତି

ସୁନାବେଡା,୮।୪(ସ୍ୱ.ପ୍ର.)

ହାଲ୍ ଠିକା କର୍ମଚାରୀ ଶନିବାର କାମ ବନ୍ଦ କରି ଆନ୍ଦୋଳନ କରିଛନ୍ତି। ପ୍ରତିରକ୍ଷା ବିଭାଗ ଅଧୀନ ସୁନାବେଡା ହାଲ୍ ପରିସରରେ ଇଞ୍ଜିନ ଡିଭିଜନ ଓ ଏସୟୁ-୩୦ ଦୁଇଟି ଡିଭିଜନ ରହିଛି। ଏହି ୨ ଡିଭିଜନରେ ଦୀର୍ଘ ବର୍ଷ ଧରି ୨୪ଶହ ଅସ୍ଥାୟୀ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ତେବେ କେତେକ ଅଧିକାରୀଙ୍କ ପାଇଁ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ରବିବାର ବାଦ୍ ୨୬ ଦିନର ମଜୁରି ଶ୍ରମିକମାନେ ପାଉଥିବା ବେଳେ ଏହାକୁ ୨୨ ଦିନକୁ କମାଇ ଦେଇଛନ୍ତି କର୍ତ୍ତୃପକ୍ଷ। ଏବେ ତାହା ୧୬ ଦିନକୁ ଖସାଯାଇଛି । ଫଳରେ ଶ୍ରମିକମାନେ ଏକ ପ୍ରକାର ଅଧା ଦରମା ପାଉଛନ୍ତି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ହାଲ୍ କର୍ତ୍ତୃପକ୍ଷଙ୍କ ଶ୍ରମିକ ମାରଣ ନୀତି ପ୍ରତିବାଦରେ ଅସ୍ଥାୟୀ ଠିକା ଶ୍ରମିକମାନେ କାମ ବନ୍ଦ କରି ହାଲ୍ ଏସୟୁ-୩୦ ଫାଟକ ସମ୍ମୁଖରେ ଶନିବାର ଧାରଣାରେ ବସିଥିଲେ। ଏନେଇ ଶ୍ରମିକମାନେ ଶ୍ରମ ବିଭାଗ , ହାଲ୍ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସେମାନେ ଅସୁରକ୍ଷିତ ଭାବେ କାମ କରୁଥିବା ବେଳେ ସେମାନଙ୍କୁ ସେଫ୍ଟି ଜୋତା ଓ ହେଲମେଟ୍ ମିଳୁନାହିଁ। ପ୍ରତ୍ୟେକ ମାସ ଦରମାରୁ ମଧ୍ୟ ୫ଶହ ଟଙ୍କା କଟାଯାଉଛି। ଏହା ଇଏସ୍‌ଆଇ ବାବଦକୁ କଟାଯାଉଥିବା କୁହାଯାଉଥିଲେ ସୁଦ୍ଧା ସେମାନେ କିଛି ଇଏସ୍‌ଆଇ ସୁବିଧା ପାଉନାହାନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ବାଇକ୍ ଛାଡ଼ି ଅଭିଯୁକ୍ତ ଚମ୍ପଟ

ଜୟପୁର, ୮।୪(ନି.ପ୍ର.)

ଦେଶୀମଦ ଚାଲାଣ କରୁଥିବାବେଳେ ଜୟପୁର ଅବକାରୀ ବିଭାଗର କର୍ମଚାରୀଙ୍କୁ ଦେଖି ମଦ ମାଫିଆ ଫେରାର ହୋଇଯାଇଛନ୍ତି। ଦେଶୀମଦ ଧରି ମାଫିଆ ଜୟପୁରକୁ ଆସୁଥିବା ବେଳେ ସୂଚନା ପାଇ ଖ୍ରୀଷ୍ଟିଆନପେଟାରେ ବିଭାଗ ଚଢ଼ାଉ କରିଥିଲା। ସେମାନଙ୍କୁ ଦେଖି ମଦ ମାଫିଆ ବାଇକ୍ ଓ ମଦ ଛାଡ଼ି ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ୭୦ ଲିଟର ଦେଶୀମଦ ଓ ବାଇକ୍‌କୁ ଜବତ କରଯାଇଛି। ଘଟଣାର ତଦନ୍ତ ହେଉଥିବା ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି।

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୮।୪(ନି.ପ୍ର.)

ଜୟପୁର ଟାଉନ ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ହାନାଗୁଡ଼ାର ଅଶୋକ ହିୟାଲ (୨୮), ରାଜେନ୍ଦ୍ର ଟାକରି (୩୦)। ପୋଲିସ ସୂଚନା ମୁତାବକ, ଦୁହିଁଙ୍କ ନାଁରେ ସ୍ଥାନୀୟ ଟାଉନ୍ ଥାନାରେ ଅପରାଧିକ ମାମଲା ରହିଥିବା ନେଇ ଘୋଷଣା ପରେ ସେହିଦିନଠାରୁ ୨ ଅଭିଯୁକ୍ତ ଫେରାର ଥିଲେ। ଶନିବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ମୁଜାଙ୍ଗ ଗ୍ରାମରେ ଜଳକଷ୍ଟ ଦିନକ ପରେ ଅଚଳ ସୌର ଜଳ ପ୍ରକଳ୍ପ

କୋରାପୁଟ,୮।୪(ସ୍ୱ.ପ୍ର.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ପାଣି ମୁନ୍ଦେ ପାଇଁ ଗ୍ରାମବାସୀଙ୍କୁ ମାଇଲ ମାଇଲ ବାଟ ଚାଲିଚାଲି ଯିବାକୁ ପଡୁଛି। ଗ୍ରାମରେ ଥିବା ନଳକୂପରୁ ଖୁବ୍ କମ୍ ପାଣି ମିଳୁଛି। ଏଥିପାଇଁ ଗ୍ରାମର ମହିଳାମାନଙ୍କୁ ଘଣ୍ଟା ଘଣ୍ଟା ଧରି ନଳକୂପ ପାଖରେ ଆପେକ୍ଷା କରିବାକୁ ପଡୁଛି। ଶେଷରେ ସେମାନେ ବାଧ ହୋଇ ଗରା ବାଲ୍‌ଟି ଧରି ଗ୍ରାମଠାରୁ କିଛି ଦୂରରେ ଥିବା ଜମିର ଚୁଆ ନ ହେଲେ ପାହାଡ଼ରୁ ଝରୁଥିବା ପାଣିକୁ ସଂଗ୍ରହ କରି ଆଣି ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଏହି ପାଣି ପିଇ ଗ୍ରାମରେ ବିଭିନ୍ନ ରୋଗ ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ୫୦୦ ପରିବାରର ୨୫୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ୫୦୦ ଘର ପାଇଁ ୩ଟି ନଳକୂପ ରହିଛି। ସେଥିରୁ ଗୋଟେ ନଳକୂପ ଖରାପ ଥିବା ବେଳେ ଆଉ ୨ଟି ନଳକୂପ ଉପରେ ଗ୍ରମବାସୀ ଭରସା କରୁଛନ୍ତି। ଗ୍ରାମରେ ପାନୀୟ ଜଳ କଷ୍ଟ ଦୂର ପାଇଁ ଜିଲା ଖଣିଜ ପାଣ୍ଠିରୁ ୨୦୨୧-୨୦୨୨ରେ ୯ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ସୌର ଚାଳିତ ପାନୀୟ ଜଳ ପକଳ୍ପ ସ୍ଥାପନ କରାଯାଇଥିଲା। ଟ୍ୟାବ ମାଧ୍ୟମରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛାଯାଇ ଷ୍ଟାଣ୍ଡପୋଷ୍ଟ ବ୍ୟବସ୍ଥା ହୋଇଥିଲା। ମାତ୍ର ଏହି ବ୍ୟବସ୍ଥାର ଦିନକ ପରେ ସୌର ଚାଳିତ ପାନୀୟ ଜଳ ପକଳ୍ପ ଅଚଳ ହୋଇପଡିଥିଲା। ଏ ସମ୍ପର୍କରେ ସରପଞ୍ଚ କୁନି ଭୋଇ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ସେ କହିଛନ୍ତି।

# ବ୍ଲକ ବିଜେଡି ପକ୍ଷରୁ ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତି

ଝରିଗାଁ,୮।୪(ସ୍ୱ.ପ୍ର.)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ନେତୃବୃନ୍ଦ ତୃଣମୂଳରୁ ବ୍ଲକସ୍ତରରେ କର୍ମୀମାନଙ୍କୁ ନେଇ ରଣନୀତି ପ୍ରସ୍ତୁତ ଆରମ୍ଭ କଲେଣି। ଝରିଗାଁ ବିଜେଡି ତରଫରୁ ଏବେ ପଞ୍ଚାୟତଗୁଡିକରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳତା ସମ୍ପର୍କରେ ଲୋକଙ୍କୁ ବୁଝାଇ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ପ୍ରୟାସ ଚାଲିଛି। ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜେଡି ବ୍ଲକ କମିଟିର ସୁପାରିଶକ୍ରମେ ତଥା ଜିଲା ସଭାପତି ରମେଶ ଚନ୍ଦ୍ର ମାଝୀଙ୍କ ଅନୁମୋଦନରେ ଝରିଗାଁ ବ୍ଲକର ୨୩ ପଞ୍ଚାୟତରେ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି। ଏହିକ୍ରମରେ ଯୁବନେତା ଚମ୍ପାଲାଲ ପନକାଙ୍କୁ ଧାମନଗୁଡା ପଞ୍ଚାୟତ, ରାମଧର ମାଝୀଙ୍କୁ ଡଙ୍ଗରିଗୁଡା ପଞ୍ଚାୟତ, ସନ୍ତୋଷ ବିଷୋୟୀ ଧଡ୍ରା ପଞ୍ଚାୟତ, ରାକେଶ ଜେନାଙ୍କୁ ବକଡ଼ାବେଡ଼ା,ହେମନ୍ତ ପଲେଇଙ୍କୁ ଚାଟିଗୁଡା, ପ୍ରଦୀପ ବିଶ୍ୱାସ ଭିକ୍ଷା ପଞ୍ଚାୟତ, ଜଗତ କଲାର କାନକୋଟ ପଞ୍ଚାୟତ, ଥବୀର ପୂଜାରୀଙ୍କୁ ରତାଖଣ୍ଡିଗୁଡ଼ା, ଶଙ୍କର ପନକାଙ୍କୁ ଚିତାବେଡ଼ା ପଞ୍ଚାୟତ, ପ୍ରିୟ ରଞ୍ଜନ ଦାଶଙ୍କୁ ବେଲଗାଁ ପଞ୍ଚାୟତରେ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି। ସେହିପରି ଚୈତନ୍ୟ ଗଣ୍ଡଙ୍କୁ ବାଣୁଆଗୁଡା ପଞ୍ଚାୟତ, ପିଲାଦାସ ପନକାଙ୍କୁ ଏକାମ୍ବା, ମହମ୍ମଦ ଅନିଶଙ୍କୁ ତେଲନଦୀଗାଁ, ମୋହନ ନାୟକଙ୍କୁ ଝରିଗାଁ ପଞ୍ଚାୟତ, ସଞ୍ଜୟ ଲେଙ୍କାଙ୍କୁ କୁଟ୍ରିଛାପର, ଟିକଚାନ୍ଦ ମାଝୀଙ୍କୁ ଇଛାପୁର, ଜଗଦୀଶ ମାଝୀଙ୍କୁ ଭାଲୁକନାଡୀ ପଞ୍ଚାୟତ, ପ୍ରଦୀପ ଗାଉଁଟିଆଙ୍କୁ ଚଚା ପଞ୍ଚାୟତ, ହୀରଣ୍ୟ ହରିଜନ ଚକଲାପଦର ପଞ୍ଚାୟତ, ଦୁର୍ଗା ପ୍ରସାଦ ମାଝୀ ବଡ଼ଟେମେରା, ମଦନ ସାମଲ ପାଲିଆ ପଞ୍ଚାୟତ, ମହେନ୍ଦ୍ର ପୂଜାରୀଙ୍କୁ ଫୁପୁଗାଁ ପଞ୍ଚାୟତରେ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି। ସମସ୍ତଙ୍କ ସହଯୋଗରେ ଦଳ ଆହୁରି ମଜବୁତ ହେବ ବୋଲି ନିବନିଯୁକ୍ତ ପର୍ଯ୍ୟବେକ୍ଷକମାନେ ମତ ଦେଇ ଜିଲା ସଭାପତି ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶିକ୍ଷକ ତାଲିମ ଶିବିର



ଶିବିରରେ ଶିକ୍ଷକମାନେ ତାଲିମ ନେଉଛନ୍ତି ।

ଡାବୁଗାଁ, ୮।୪( ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨ଟି କକ୍ଷରେ ଶିକ୍ଷକ ତାଲିମ ଶିବିର ଶୁକ୍ରବାର ଆରମ୍ଭ ହୋଇଛି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝିଙ୍କ ଅଧକ୍ଷତାରେ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଭାଷା ଓ ଗଣିତ ବିଷୟ ଶିକ୍ଷାଦାନର କୌଶଳ ଉପରେ ତାଲିମ ଦିଆଯାଉଛି। ସୌଭାଗ୍ୟ ବିଶ୍ୱାଳ, ଦଲୀପ ରାଉତ, କାଲୁ ଚରଣ ମହାରଣା, ହେମେନ୍ଦ୍ରନାଥ ବେହେରା, କମଳାକାନ୍ତ ସାହୁ, ଧନଞ୍ଜୟ ବଡଜେନା, ପବିତ୍ର ଜେନା, ସନ୍ତୋଷ ବେହେରା ପ୍ରମୁଖ ତାଲିମ ଦେଉଛନ୍ତି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦୦ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି। ସୋମବାର ଏହି ତାଲିମ ଶିବିର ଶେଷ ହେବ ।

# ଅଧା ଅଧୁରା, ନିମ୍ନମାନର କାମକୁ ନେଇ ଅସନ୍ତୋଷ

ଉମରକୋଟ, ୮।୪(ସ୍ୱ.ପ୍ର.)



ସରକାର ଲୋକଙ୍କ ମୌଳିକ ଅଧିକାର ପୂରଣ ପାଇଁ ଅହରହ ଚେଷ୍ଟା କରୁଛନ୍ତି। କିନ୍ତୁ ନବରଙ୍ଗପୁର ଜିଲା ଉମରକୋଟଠାରେ ପୂର୍ତ୍ତ ବିଭାଗ କାମ ଅଧାପନ୍ତରିଆ ହୋଇପଡ଼ିଛି। ଅଧିକାରୀମାନେ ଠିକାଦାରଙ୍କ ସହ ସଲାସୁତୁରା ହୋଇ ଠିକ୍‌ଭାବେ କାମ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

ସୂଚନାନୁଯାୟୀ ଧୋଡ୍ରାରୁ ଉମରକୋଟ ପର୍ଯ୍ୟନ୍ତ ୧୦ କି.ମି. ରାସ୍ତା ପାଇଁ ୪ କୋଟି ୪୭ ଲକ୍ଷ ଟଙ୍କାରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମୂଳ ରେଟ୍‌ଠାରୁ ୩ ପ୍ରତିଶତ ଅଧିକରେ ଡାବୁଗାଁର ଜଣେ ଠିକାଦାର କାମ ପାଇଛନ୍ତି। କାମ ଗତ ଫେବୃୟାରୀରେ ଆରମ୍ଭ କରିଥିଲେ ଠିକାଦାର। ପ୍ରଥମେ ଉମରକୋଟ ସହର ପଟୁ କାମ ଆରମ୍ଭ କରାଯାଇଥିଲା। ରାସ୍ତା କାମ ପ୍ରାୟ ସିରିଲାଣି, କିନ୍ତୁ ଉମରକୋଟ ବ୍ଲକ କାର୍ଯ୍ୟାଳୟରୁ ପୁରୁଣା ବସ୍‌ଷ୍ଟାଣ୍ଡ ପ୍ରାୟ ୧ କି.ମି. ରାସ୍ତା କାମ କରାଯାଇ ନାହିଁ। ଖାଲଖମା ଯୋଗୁ ଧୂଳି ଅଧିକ ହେଉଛି। ବର୍ତ୍ତମାନ ଏହି ରାସ୍ତା କାମ ନ ହେବାରୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲଖମା ଓ ଅଧାପନ୍ତରିଆ ରାସ୍ତା ଯୋଗୁ ଧୂଳି ମଧ୍ୟ ପ୍ରବଳ ହେଉଛି। ଧୋଡ୍ରାରୁ ଉମରକୋଟ ଯେଉଁ କାମ ହୋଇଛି ସେହି କାମ ମଧ୍ୟ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି। ନୂତନ ଭାବେ ତିଆରି ରାସ୍ତାରେ ସମାନ୍ତରାଳ ନାହିଁ। ପୂର୍ବରୁ ଯେଉଁ ରୋଡ୍ ବ୍ରେକର ରହିଥିଲା ତାକୁ ମଧ୍ୟ ବାହାର ନ କରି ତା' ଉପରେ ପିଚୁର ଆବରଣ ପକାଇ ଦିଆଯାଇଛି। ରାସ୍ତା କାମ ପାଇଁ ଆସିଥିବା ଅର୍ଥ ସରିଯାଇଥିବାରୁ ବଳକା କାମ ହେଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ ସାହୁଙ୍କୁ ପଚାରିବାରୁ ରାସ୍ତା କାମ ପାଇଁ ଆସିଥିବା ଅର୍ଥ ସରିନାହିଁ। ଦିନେ ଦୁଇଦିନ ମଧ୍ୟରେ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि-पत्र

एतद द्वारा सूचित करना है कि इस कार्यालय द्वारा दिनांक-25.03.2023 को विभिन्न समाचार पत्रो के माध्यम से ई-निविदा पत्रांक सं0- **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ମଝିଘରିଆଣୀ ମନ୍ଦିର ପରିସରରେ ୪ ପ୍ରକଳ୍ପ ଶୁଭାରମ୍ଭ



ରାୟଗଡା ଅଫିସ,୮।୪- ରାୟଗଡାସ୍ଥିତ ମା’ ମଝିଘରିଆଣି ମନ୍ଦିର ପରିଚାଳନା କମିଟି ଦ୍ୱାରା ଗତ ୫ ତାରିଖରେ ୪ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ୧କୋଟି ୪୮ଲକ୍ଷ ଟଙ୍କା ବିନିମୟରେ ତିଆରି ହୋଇଥିବା କଲ୍ୟାଣ ମଣ୍ଡପ, ମନ୍ଦିରରେ କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କ ନିମନ୍ତେ ରହିବା ପାଇଁ ଘର ଏବଂ ଦୂର ଦୁରାନ୍ତରରୁ ଆସୁଥିବା ଭକ୍ତ ରହିବା ପାଇଁ ଯାତ୍ରୀ ନିବାସ ଓ ମନ୍ଦିର ପରିସର ମଧ୍ୟରେ ଥିବା ସତୀ କୁଣ୍ଡର ପୁନରୁଦ୍ଧାର କାର୍ଯ୍ୟ ସମାପନ ହୋଇଛି। ମନ୍ଦିର ପରିଚାଳନା କମିଟିର ଏମ.ଟି ରାଇସିଂ ବିଡ଼ିକା ଫିତା କାଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଆଗକୁ ମଧ ମନ୍ଦିରର ଉନ୍ନତି ଦିଗରେ ଅନେକ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପରିଚାଳନା କମିଟି ସଦସ୍ୟ ରାଧାକୃଷ୍ଣ ଦଳେଇ ସୂଚନା ଦେଇଛନ୍ତି।

### ଅଜଣା ଯୁବକଙ୍କ ମୃତଦେହ ଜବତ

ସୁନାବେଡ଼ା, ୮।୪ (ସ୍ୱ.ପ୍ର.)-କୋରାପୁଟ ଜିଲା ସୁନାବେଡ଼ା ପୋଲିସ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୂର୍ବାହ୍ନ ୧୧ଟାରେ ଦାମନଯୋଡ଼ି ଇଣ୍ଟେକ ରାସ୍ତାରେ ଥିବା କୋଲାବ ଜଳଭଣ୍ଡାରକୁ ଚଉଗାଁ ଗ୍ରାମର କେତେଜଣ ଯୁବକ ଶୌଚହେବାକୁ ଯାଇଥିଲେ। ଏହି ସମୟରେ ପାଣିରେ ଏକ ମୃତଦେହ ଭାସୁଥିବା ଦେଖି ସେମାନେ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସେମିଳିଗୁଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକମାନଙ୍କ ସହାୟତାରେ ମୃତଦେହକୁ ପାଣିରୁ ବାହାର କରିଥିଲେ। ସୁନାବେଡ଼ା ଏସ୍‌ଆଇ ନୀଳାଦ୍ରି କହଁର,ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା ଓ ହାବିଲଦାର ପ୍ରମୋଦ ଦଣ୍ଡସେନା ପହଞ୍ଚି ମୃତଦେହ ଜବତକରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ଏନେଇ ସୁନାବେଡ଼ା ଥାନାରେ କେସ୍ ନଂ. ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଯୁବକ(୪୦)ଙ୍କ ପରିଚୟ ଜାଣିବା ଲାଗି ପୋଲିସ ଆଖପାଖ ଅଞ୍ଚଳର ଯୁବକମାନଙ୍କୁ ପଚରାଉଚରା କରୁଛି।

### ବନ ବିଭାଗ ଦ୍ୱାରା ବିରଳ ପକ୍ଷୀ ଉଦ୍ଧାର



ଚିତ୍ରକୋଣ୍ଡା,୮।୪(ଡି.ଏନ୍.ଏ.)- ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନ ପୂଜାରୀଗୁଡ଼ା ଗ୍ରାମ ନିକଟ ସିଲେରୁ ନଦୀ କୂଳରୁ କିଛି ଲୋକ ଶୁକ୍ରବାର ଏକ ବିରଳ ପକ୍ଷୀ ଉଦ୍ଧାର କରିଥିଲେ। ଏନେଇ ଖବର ପାଇ ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଓ ବନପାଳ ମୃତ୍ୟୁଞ୍ଜୟ ସେଠି ପହଞ୍ଚି ପକ୍ଷୀକୁ ଉଦ୍ଧାର କରିବା ସହ ଏହା ବିରଳ ନୁହେଁ ବୋଲି କହିଥିଲେ। ଏହି ପକ୍ଷୀ ଡ୍ୟାମ ପାଖରେ ବେଳେ ବେଳେ ଦେଖା ଦେଉଛି। ଏହାର ନାମ ଛୋଟ ହାଡ଼ଗିଲା ପକ୍ଷୀ ବୋଲି ସେମାନେ କହିଥିଲେ। ପକ୍ଷୀଟି ଅଜୀର୍ଣ୍ଣ ହୋଇ ବାନ୍ତି କରୁଥିବାରୁ ଥଣ୍ଟରେ ସାମାନ୍ୟ ଆଘାତ ହୋଇଥିଲା। ଫଳରେ ସେ ଉଡ଼ିପାରୁନଥିଲା। ବନ ବିଭାଗ ଚିକିତ୍ସା କରାଇ ଡ୍ୟାମ ପାର୍ଶ୍ୱରେ ଛାଡ଼ି ଦେବାକୁ ସୂଚନା ଦେଇଛି।

### ପ୍ରଫେସର ନରସିଂହ ପଣ୍ଡା ଆଇକ୍ୟୁଏସି ନିର୍ଦ୍ଦେଶକ

କୋରାପୁଟ, ୮।୪(ସ୍ୱ.ପ୍ର.)- ଶିକ୍ଷାବିତ୍ ପ୍ରଫେସର ନରସିଂହ ଚରଣ ପଣ୍ଡା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ (ଆଇକ୍ୟୁଏସି)ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଡିନ୍ ଏସ୍.କେ. ପାଲିତାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା, ନିରନ୍ତର ଏବଂ ସର୍ବାଙ୍ଗୀନ ଉନ୍ନତି ନେଇ ଏକ ବ୍ୟବସ୍ଥା ବିକଶିତ କରିବା ଆଇକ୍ୟୁଏସିର ଦାୟିତ୍ୱ। ଏ ନେଇ ପଣ୍ଡା ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ସେ ନିରନ୍ତର କାର୍ଯ୍ୟ କରିବେ ବୋଲି କହିଛନ୍ତି। ପଣ୍ଡା ଜାନୁୟାରୀ ୨୩, ୨୦୨୩ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ନିୟମିତ ପ୍ରଫେସର ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ପଞ୍ଜାବ ବିଶ୍ୱବିଦ୍ୟାଳୟର ସଂସ୍କୃତ ଓ ଇଣ୍ଡୋଲୋଜିକାଲ ଷ୍ଟଡିଜ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କର ବହୁ ଗବେଷଣା ସନ୍ଦର୍ଭ ଭାରତ ଓ ବିଦେଶରେ ପ୍ରଶଂସିତ ହୋଇଛି।

# ରାୟଗଡ଼ା ଜିଲାରେ ୮୫ ଲକ୍ଷ ଜରିମାନା ଆଦାୟ

**ସଡ଼କ ଦୁର୍ଘଟଣାରେ ଶୂନ୍ୟ ମୃତାହତ ସପ୍ତାହ ପାଳନ ସରିଲା**

ରାୟଗଡ଼ା,୮।୪(ସ୍ୱ.ପ୍ର.)

ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓ ପୋଲିସର ମିଳିତ ସହଯୋଗରେ ଏପ୍ରିଲ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବାପୀ ଶୂନ୍ୟ ମୃତାହତ ସପ୍ତାହ ପାଳନ ଚାଲିଥିଲା। ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରି ଜରିମାନା ଆଦାୟ ସହ ସଚେତନ କରାଯାଉଥିଲା। ରାୟଗଡ଼ା ଜିଲା ପୋଲିସ ଓ ପରିବହନ ବିଭାଗର ମିଳିତ ଯାଞ୍ଚରେ ଏହି ୭ ଦିନରେ ୮୫ଲକ୍ଷ ୩୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିରେ ମୁନିଗୁଡ଼ା ଥାନା ଅଧୀନରେ ସର୍ବାଧିକ ୧୭ ଲକ୍ଷ ୯୯ ହଜାର ୫ଶହ ଟଙ୍କା ଏବଂ ପୁଟାସିଂ ଥାନାରେ ସର୍ବନିମ୍ନ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଧରପଗଡ଼ ଚାଲିଥିଲଶ। ନାବାଳକ ଗାଡ଼ି ଚାଳକ, ହେଲମେଟ, ସିଟ ବେଲ୍ଟ, ଡ୍ରଙ୍କେନ ଡ୍ରାଇଭ, ଟ୍ରିପଲ ରାଇଡ଼ିଂ ଆଦି ଉପରେ ବେଶୀ ନଜର ରଖାଯାଇଥିଲା। ଜିଲାର ୧୭ଟି ଥାନା ଅଧୀନରେ ସହର, ସାହି ଓ ଛକଗୁଡ଼ିକରେ ପୋଲିସ ପକ୍ଷରୁ ଗାଡ଼ି ଚେକିଂ ଚାଲିଥିଲା। ଯାଞ୍ଚରେ ୧୧ ନାବାଳକ ଗାଡ଼ି ଚାଳକ, ୫୪ଜଣଙ୍କୁ ହାଇସ୍ପିଡ଼ ଡ୍ରାଇଭିଂ, ଓଭରଲୋଡ଼ିଂ ଓ ଦ୍ରବ୍ୟ ପରିବହନ ଗାଡ଼ିରେ ବେଆଇନ ଭାବେ ଲୋକଙ୍କୁ ନେବା ଘଟଣାରେ ୪୭ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସେହିପରି ଗାଡ଼ି ଚଲାଇବା ସମୟରେ ଫୋନ୍ ବ୍ୟବହାର କରୁଥିବା ୯୭ଜଣ, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଲାଉଥିବା ୪୭୭ଜଣ, ବିନା ହେଲମେଟରେ ଗାଡ଼ି ଚଲାଉଥିବା ୨୭୧୭ଜଣ, ଟ୍ରିପଲ ରାଇଡ଼ ପାଇଁ ୩୯୯ଜଣ, ଟ୍ରାଫିକ ନିୟମ ଅବମାନନାରେ ୧୦୮୩, ସିଟବେଲ୍ଟ ପାଇଁ ୧୩୯୩ଜଣଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବା ବେଳେ ୪୮୯ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଗାଡ଼ି ମୋଟର ଯାଞ୍ଚରେ ଅମ୍ବାଦଳା ଥାନାରେ ୬ ଲକ୍ଷ ୭୨ହଜାର ୫ଶହ ଟଙ୍କା, ବିଷମକଟକ ଥାନାରେ ୬ ଲକ୍ଷ ୧୧ ହଜାର ୫ଶହ ଟଙ୍କା, ଚାନ୍ଦିଲି ଥାନାରେ ୪ଲକ୍ଷ ୯୪ ହଜାର ଟଙ୍କା, ଚନ୍ଦ୍ରପୁର ଥାନାରେ ୨ ଲକ୍ଷ ୧୬ ହଜାର ୫ଶହ ଟଙ୍କା, କାଶୀପୁର ଥାନାରେ ୩ ଲକ୍ଷ ୨୧ହଜାର ଟଙ୍କା, ଦୋରାଗୁଡ଼ା ଥାନାରେ ୩ ଲକ୍ଷ ୪୦ ହଜାର ୫ ଶହ ଟଙ୍କା, ଟିକିରି ଥାନାରେ ୫ଲକ୍ଷ ୨୩ ହଜାର ଟଙ୍କା, ଅଣ୍ଡିରକାଂଚ ଥାନାରେ ୧ଲକ୍ଷ ୬ହଜାର ଟଙ୍କା, କଲ୍ୟାଣସିଂହପୁର ଥାନାରେ ୩ ଲକ୍ଷ ୪୨ ହଜାର ୫ଶହ ଟଙ୍କା ଓ ପଦ୍ମପୁର ଥାନାରେ ୩ ଲକ୍ଷ ୧୮ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ଗୁଣପୁର ଥାନାରେ ୬ଲକ୍ଷ ୨୧ହଜାର, ରାମନାଗୁଡ଼ା ଥାନାରେ ୪ଲକ୍ଷ ୮୦ ହଜାର ୫ଶହ ଟଙ୍କା, ରାୟଗଡ଼ା ଥାନାରେ ୮ଲକ୍ଷ ୯୮ ହଜାର, ଶେଷଖାଲ ଥାନାରେ ୨ଲକ୍ଷ ୯୫ ହଜାର ଟଙ୍କା ଏବଂ ଗୁଡ଼ାରି ଥାନାରେ ୪ ଲକ୍ଷ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଗୁଣପୁର,୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜ ନିକଟ ସିଦ୍ଧ ବିନାୟକ ମନ୍ଦିରର ୧୩ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇଥିଲେ। ମନ୍ଦିର ପୂଜକ ଶିବରାମ ରଥ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ନବୀନ ରଥ, ପ୍ରକାଶ ରଥ ଏବଂ ସୂର୍ଯ୍ୟ ନାରାୟଣ ରଥ ପୂଜା ପରିଚାଳନା କରିଥିଲେ। ଗଣେଶଙ୍କ ଚଳନ୍ତି ପ୍ରତିମାକୁ ମନ୍ଦିର ପ୍ରାଙ୍ଗଣରେ ରଖାଯାଇ ପୂଜା ସହ ସମସ୍ତ ନୀତିକାନ୍ତି ଏବଂ ଯଜ୍ଞ କରାଯାଇଥିଲା। ନାମ ଯଜ୍ଞ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ବିଷୁବ ବନ୍ଧୁମିଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ରାୟଗଡାଅଫିସ/ରାୟଗଡ଼ା(ସ୍ୱ.ପ୍ର.)୮।୪

ରାୟଗଡ଼ା ବିଷୁବ ବନ୍ଧୁମିଳନ ଉତ୍ସବ କମିଟି ତରଫରୁ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଶନିବାର ରାୟଗଡ଼ା ସହର କୃଷ୍ଣଚନ୍ଦ୍ର ନଗର ଭବନ ଠାରେ "ଓଡ଼ିଆ ପିଠା ପ୍ରସ୍ତୁତି" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩୪ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଦିପ୍ତୀ ମହାନ୍ତି ପ୍ରଥମ, ସଂଯୁକ୍ତା ମିଶ୍ର ଦ୍ୱିତୀୟ, ସଂଯୁକ୍ତା ଚାମୁଣ୍ଡା ତୃତୀୟ ସ୍ଥାନରେ ରହିଥିଲେ। କମିଟି ସଭାପତି ଡ. ନିରଞ୍ଜନ ପ୍ରସାଦ ବକ୍ସିପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ସୁଶ୍ରୀତା ଦାଶ, ବିଦ୍ୟୁଲତା ହୁଇକା, ଭାରତୀ ଚୌଧୁରୀ ଏବଂ କେ.କେ ଜେନା ବିଚାରକ ରହିଥିଲେ।

ସେହିପରି ୫ରୁ ୧୫ ବର୍ଷ ବର୍ଗର ପିଲାମାନଙ୍କୁ ନେଇ ଓଡ଼ିଆ ଗୀତ ମାଧ୍ୟମରେ ଏକକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୦ ଜଣ ପିଲା ଭାଗ ନେଇଥିବା ବେଳେ ସୁଶ୍ରୀ ସମୃଦ୍ଧି ଦାଶ ପ୍ରଥମ, ସୁଶ୍ରୀ ଦିବ୍ୟାଂଶା ସାହୁ ଦ୍ୱିତୀୟ ଓ ରିତିକା ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ଏଥିସହ ସୁଶ୍ରୀ ସମୃଦ୍ଧି ଛୁଆଳସିଂ ଏବଂ ସୁଶ୍ରୀ ପ୍ରଜ୍ଞାନୀ ସାହୁ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ ସସ୍ମିତା ସାମଲ, ଚିରସ୍ମିତା ନାୟକ ଏବଂ ରାଜେଶ ପାଢ଼ୀ ବିଚାରକ ଭାବେ ଉପସ୍ଥିତ ଥିଲେ। ଶୁଭ୍ରା ପଣ୍ଡା ଓ ଅନ୍ୟ ସଂଯୋଜିକାମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ସେହିପରି ଶୁକ୍ରବାର ସ୍ଥାନୀୟ ମହିଳା ମହାବିଦ୍ୟାଳୟଠାରେ ଓଡ଼ିଆ ସଜବାଜ ପ୍ରତିଯୋଗିତା ହୋଇଥିଲା। ଓଡ଼ିଆ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାକୁ ଏପରି କାର୍ଯ୍ୟକ୍ରମ କରାଯାଇଥିବା ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା କହିଛନ୍ତି। ଏଥିରେ ଗୃହିଣୀ, ସଂସ୍କୃତି ଅନୁଷ୍ଠାନ, ଶକ୍ତିବାହିନୀ ଅନୁଷ୍ଠାନର ମୋଟ ୧୩ ଜଣ ମହିଳା ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସଂଯୁକ୍ତା ମିଶ୍ର ପ୍ରଥମ, ପ୍ରଦୀପ୍ତା ଦାସ ଦ୍ୱିତୀୟ ଓ ଅଞ୍ଜଳି ପଣ୍ଡା ତୃତୀୟ ହୋଇଛନ୍ତି। ଦୁଷ୍ମନ୍ତ କୁମାର ମହାନ୍ତି, ଡ଼ ନିରଞ୍ଜନ ବକ୍ସି ପାତ୍ର,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ଦୋରା, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ ଅର୍ଚ୍ଚନା ପଟ୍ଟନାୟକ ଏଥିରେ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ଏବଂ କ୍ୟାପଟେନ ରିତା ରାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଷୁବ ବନ୍ଧୁ ମିଳନ ଉତ୍ସବ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ରାୟଗଡ଼ ସଦରମହକୁମା ସ୍ଥିତ ଜିସି ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ହେବ। କୃତୀ ମହିଳା ଏବଂ ଛାତ୍ରୀଛାତ୍ରଙ୍କୁ ସେଠାରେ ପୁରସ୍କୃତ କରାଯିବ।



ପିଠା ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ।

## ଲୋଭ,ତନ୍ତ୍ରମନ୍ତ୍ରର କଥା କହିଲା ‘ଶୁଖିଲା ନଈର ସୁଅ’ ‘ଡାହି’

ଦାମନଯୋଡ଼ି,୮।୪(ଡି.ଏନ.ଏ.)

ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ୨ଟି ନାଟକ। ‘ଶୁଖିଲା ନଈର ସୁଅ’ ଓ ‘ଡାହି’ ନାଟକକୁ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ ପାଢ଼ୀ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିଥିଲେ। କଟକର ‘ଶ୍ରଦ୍ଧାଞ୍ଜଳି’ ପକ୍ଷରୁ ପରିବେଷିତ ‘ଶୁଖିଲା ନଈର ସୁଅ’କୁ ପ୍ରମୋଦ ରଞ୍ଜନ ମହାନ୍ତିଙ୍କ ରଚନା କରିଥିଲେ। ସାଂସାରିକ ପ୍ରତିବଦ୍ଧତା ଉପରେ ପର୍ଯ୍ୟବେକ୍ଷିତ ଏହି ନାଟକରେ ନାୟିକା ପ୍ରେମିକ ପ୍ରରୋଚନାରେ ସମ୍ପତ୍ତି ଲୋଭରେ ଜଣେ ପାଗଳଙ୍କୁ ବିବାହ କରିଥିଲେ। ତାଙ୍କୁ ସ୍ଲୋ ପଏଜନ ଦେଇ ମାରି ସମ୍ପତ୍ତ ଅକ୍ତିଆର କରିବା ଥିଲା ତାଙ୍କ ଲକ୍ଷ୍ୟ। ତେବେ ପରବର୍ତ୍ତୀ ସମୟରେ ବଦଳିଯାଇଛି ତାଙ୍କ ମନ। ପାଗଳଙ୍କୁ ତାଙ୍କ ଜୀବନର ସର୍ବସ୍ୱ ମନେକରି ଜୀବନ ଜୀଇଛନ୍ତି। ସୋହେଲାର ଡ୍ରାମା ଚେତନାର ମଞ୍ଚସ୍ଥ ନାଟକ ଥିଲା ‘ଡାହି’। ରାଜେଶ କାରିଆଙ୍କ ରଚିତ ଏହି ନାଟକକୁ ଡ.ତୁଷାରକାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରି ମଣିଷ ଅସାଧ ସାଧନ କରୁଥିଲେ ମଧ ସବୁ କ୍ଷେତ୍ରରେ ସଫଳତା ପାଉନି। ମନ୍ତ୍ର ତନ୍ତ୍ରର ଆଶ୍ରୟ ନେଉଛି। ଏପରି ଏକ ଭାବବୋଧକୁ ତୋଳିଧରିଛି ‘ଡାହି’। କ୍ଷୀରୋଦ, କନକ, ଦିଲ୍ଲୀପ,ସଭାବ ସତ୍ତରୂପ,ତୁଳସୀରାମ, ଅଂଶୁମାନ, ଶ୍ରୀକାନ୍ତ, ଗୋପାଳଚନ୍ଦ୍ର ଓ ଭିନେନ୍ଦୁ ଶେଖରଙ୍କ ଅଭିନୟ ‘ଡାହି’କୁ ନୂଆ ରୂପ ଦେଇଛି। କିଶୋର ଗଡତିଆଙ୍କ ପରିଚାଳନାରେ ମଞ୍ଚସ୍ଥ ଏହି ନାଟକ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିପାରିଥିଲା। ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବର ସମ୍ପାଦକ ଶିଶିର ମିଶ୍ର, ଶିଶିର ପରିଡ଼ା, ବିଶ୍ୱଜିତ ମିଶ୍ର, ପଞ୍ଚାନନ ସାଠୁଆ ଓ ଶିବ ଦାସ ପରିଚାଳନା କରିଥିଲେ।

# ଏକାଧିକ ମାମଲାର ଅଭିଯୁକ୍ତ ବୁଲୁ ଗିରଫ

**ଦେଶୀ ବନ୍ଧୁକ, ଦୁଇ ରାଉଣ୍ଡ ଗୁଳି ଜବତ**





ରାୟଗଡ଼ା,୮।୪(ସ୍ୱ.ପ୍ର.)

ରାୟଗଡ଼ା ଜିଲା ଅମ୍ବାଦଳା ପୋଲିସ ଦୀର୍ଘଦିନ ଧରି ଫେରାର ଥିବା ଏକାଧିକ ମାମଲାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସୀମାଞ୍ଚଳ ସାହୁ ଓରଫ ବୁଲୁ। ବୁଲୁଙ୍କ ନାମରେ କଳାହାଣ୍ଡି ଓ ରାୟଗଡ଼ା ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ବିଗତ ଦିନରେ ଅମ୍ବାଦଳା ନିକଟରେ ଏକ ଘରୋଇ ବସକୁ ଅଟକାଇ ଲୁଟ ଉଦ୍ୟମ, ମୁନିଗୁଡା ରେଳ ଷ୍ଟେଶନ ଛକରେ ବସକୁ ଅଟକାଇ ଯାତ୍ରୀଙ୍କୁ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିବା ଘଟଣାରେ ବୁଲୁ ସମ୍ପୃକ୍ତ ଥାଇ ପୋଲିସକୁ ଚକମା ଦେଇ ଖସି ଯାଉଥିଲେ। ଶୁକ୍ରବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ଅମ୍ବାଦଳା ଥାନା ଅଧିକାରୀ ବିକ୍ରମ ନାୟକଙ୍କ ସମେତ ଏକ ଟିମ ଚଢାଉ କରି ତାଙ୍କୁ ଗିରଫ କରିଛି। ବୁଲଙ୍କ ପାଖରୁ ଏକ ବାଇକ, ଦେଶୀ ବନ୍ଧୁକ ସହ ଦୁଇ ରାଉଣ୍ଡ ଗୁଳି ଜବତ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିକ୍ରମ ନାୟକ ପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ପାଳନ ପ୍ରସ୍ତୁତି



ରଜତ ଜୟନ୍ତୀ ପାଳନ ନେଇ ସୂଚନା ପ୍ରଦାନ କରାଯାଉଛି।

ଗୁଣପୁର,୮।୪(ଡି.ଏନ୍.ଏ.)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରଜତ ଜୟନ୍ତୀ ପାଳନ ପାଇଁ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ରୁ ୨ ଦିନ ଧରି ଜୟନ୍ତୀ ପାଳିତ ହେବ। ଏହି ସମ୍ମିଳନୀରେ ପରିଚାଳନା କମିଟି ସଭାପତି ବି.ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼, କୋଷାଧ୍ୟକ୍ଷ ପି.ଗୋବିନ୍ଦ ରାଓ ଏବଂ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ବିଧାୟକ ରଘୁନାଥ ଗମାଙ୍ଗ, ଜିଲାପାଳ ସ୍ୱାଧାଦେବ ସିଂ,ଏସ୍‌ପି ବିବେକାନନ୍ଦ ଶର୍ମା , ଉପ ଜିଲାପାଳ ଲଳିତ କୁମାର କହଁର, ତହସିଲଦାର ଶରତଚନ୍ଦ୍ର ନାୟକ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ,ଏସ୍‌ଡିପିଓ ବିକାଶ ରଞ୍ଜନ ବେହୁରା, ବିଇଓ ସୁଜନ ମଲ୍ଲିଙ୍କ ସମେତ ଆରଏସ୍‌ଏସ୍ ଏବଂ ଶିକ୍ଷା ବିକାଶ ସମିତି କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ଅସ୍ଥାୟୀ ଜେଏମ୍‌ଏଫସି କୋର୍ଟ, ସବ୍ ରେଜେଷ୍ଟ୍ରି ଅଫିସ କାର୍ଯ୍ୟକ୍ଷମ ଦାବି

ମୁନିଗୁଡ଼ା,୮।୪(ଡି.ଏନ୍.ଏ.)

ମୁନିଗୁଡ଼ାରେ ଅସ୍ଥାୟୀ ଜେଏମ୍‌ଏଫସି କୋର୍ଟ ଓ ସବ୍ ରେଜେଷ୍ଟ୍ରି ଅଫିସ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଗତ ଅକ୍ଟୋବର ଶେଷ ସପ୍ତାହରେ ରାୟଗଡ଼ା ଜିଲାଜଜ୍ ବିକ୍ରମ କେଶରୀ ପଟ୍ଟନାୟକଙ୍କ ସହ ଏକ ପ୍ରତିନିଧିଦଳ ମୁନିଗୁଡ଼ା ଆସି କୋର୍ଟ ପାଇଁ ଜାଗା ଓ ପାରିପାର୍ଶ୍ୱିକ ବ୍ୟବସ୍ଥା ତଦାରଖ କରିଥିଲେ। ତତ୍କାଳୀନ ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼,ମୁନିଗୁଡାର ବରିଷ୍ଠ ଅଧିବକ୍ତା ବୃନ୍ଦାବନ ଗୌଡ଼,ସୁଧାକର ମହାରଣା ପ୍ରମୁଖଙ୍କ ସହିତ ପ୍ରେସ କ୍ଲବର ସଭ୍ୟମାନଙ୍କ ସହିତ ତହସିଲ ପୁରୁଣା କୋଠାରେ ଅସ୍ଥାୟୀ କୋର୍ଟ ଚାଲୁ କରିବା ପାଇଁ ଆଲୋଚନା ହୋଇଥିଲା। ତତ୍କାଳୀନ ତହସିଲଦାର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ସମ୍ମତି ଜଣାଇଥିଲେ। ପରେ ଏକ ମାସ ପରେ ପୁରୁଣା ତହସିଲ କାର୍ଯ୍ୟାଳୟକୁ ଅସ୍ଥାୟୀ କୋର୍ଟ କରିବା ଲାଗି ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆର.ଡି ଡିପାର୍ଟମେଣ୍ଟ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଜେଏମଏଫସି କୋର୍ଟ ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଉଛି। ଏ ନେଇ ଆରଡି ବିଭାଗର ଉପଖଣ୍ଡ ଯନ୍ତ୍ରୀ ବ୍ରଜକିଶୋର ପଟ୍ଟନାୟକଙ୍କୁ ପଚାରିବାରୁ ଆସନ୍ତା ୧୫ତାରିଖ ସୁଦ୍ଧା କାର୍ଯ ଶେଷ ହେବ ବୋଲି ଜଣାଇଥିଲେ।ସେହିପରି ମୁନିଗୁଡ଼ାରେ ସବ ରେଜେଷ୍ଟ୍ରି କାର୍ଯ୍ୟାଳୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଶୁଣିବାକୁ ମିଳୁଥିଲେ ମଧ ତାହା ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପାଇଁ ମୁନିଗୁଡ଼ା ବିକାଶ ପରିଷଦ,ପ୍ରେସ କ୍ଲବ,ବଜରଙ୍ଗ ଦଳ,ମର୍ଚ୍ଚାଣ୍ଡ ଆସୋସିଏଶନ ସହ ଅନେକ ସାମାଜିକ ଅନୁଷ୍ଠାନ ଜିଲାପାଳ ତଥା ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ବହୁବାର ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଯଥାଶୀଘ୍ର ମୁନିଗୁଡ଼ା ଜେଏମଏଫସି କୋର୍ଟ ମୁନିଗୁଡାର ଜନ ସାଧାରଣଙ୍କ ସେବାରେ କାର୍ଯ୍ୟକାରୀ କରାଇବା ସହିତ ଯଥାଶୀଘ୍ର ସବ ରେଜିଷ୍ଟ୍ରି ଅଫିସ କାର୍ଯ୍ୟକାରୀ କରିବା ପାଇଁ ଦାବି ଜୋର୍ ଧରିଛି।



ଅସ୍ଥାୟୀ ଜେଏମ୍‌ଏଫ୍‌ସି କୋର୍ଟ ଲାଗି କାମ ଚାଲିଛି।

## ନାବାଳିକା ଅପହରଣକାରୀ ଗିରଫ

ବ୍ରହ୍ମପୁର ଅଫିସ,୮।୪

ଜଣେ ନାବାଳିକା ଅପହରଣକାରୀଙ୍କୁ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସଦର ଥାନା ଅନ୍ତର୍ଗତ ପତିତପାବନପୁର ଗ୍ରାମର ଶଙ୍କର ଦାସ(୨୩)। ମାମଲା ନମ୍ବର ୧୧୨/୨୩ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

## ମଝିଘରିଆଣୀଙ୍କ ଆଳତି ସଙ୍ଗୀତର ଭିଡ଼ିଓ ଶୁଟିଂ

ରାୟଗଡ଼ ଅଫିସ,୮।୪

ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଆଳତି ଉପରେ ଆଧାରିତ ଏକ ଆଧାତ୍ମିକ ସଂଗୀତ ମୁକ୍ତିଲାଭ କରିବାକୁ ଯାଉଛି। ଏହି ସଙ୍ଗୀତର ନିର୍ଦ୍ଦେଶନା କରିଛନ୍ତି ବି.କେ ମହାନ୍ତି। ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ଏହି ସଙ୍ଗୀତର ପ୍ରଯୋଜକ, ଲେଖକ ଓ ଗାୟକ। ଏହାକୁ ମୁମ୍ବାଇର ଏକ ଷ୍ଟୁଡ଼ିଓରେ ପ୍ରସ୍ତୁତ କରାଯାଇଥିବା ରାଜେଶ କୁମାର ପାଢ଼ୀଙ୍କ ସହ ଲୋକପ୍ରିୟ କଣ୍ଠଶିଳ୍ପୀ ଅନୁରାଧା ପୋଡୱାଲା କଣ୍ଠଦାନ କରିଛନ୍ତି। ସଂଗୀତଟି ବି ଫିଲ୍ମ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସମ୍ପାଦନ କରାଯାଇଛି। ଭୁବନେଶ୍ୱରର ପ୍ରକାଶ କୁମାର ବେହେରା ଓ ନରେନ୍ଦ୍ର କୁମାର ମହାପାତ୍ର ଟ୍ରାକ୍ ପ୍ରସ୍ତୁତ କରିବାରେ ସହଯୋଗ କରିଥିଲେ। ଏହି ସଂଗୀତ ର ଭିଡ଼ିଓ ଶୁଟିଂ ପିତାମହଲ ସ୍ଥିତ ଚନ୍ଦ୍ରକଳା ଫାର୍ମହାଉସଠାରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ରାଜେଶ କୁମାର ପାଢ଼ୀ ଓ ସେଞ୍ଚୁରିଅନ ଶିକ୍ଷାନୁଷ୍ଠାନର ପ୍ରଶାସକ ଅଧିକାରୀ ସସ୍ମିତା ମହାନ୍ତି ଅଭିନୟ କରିଛନ୍ତି।



# କାହାକୁ ମିଳିବ ରାୟଗଡ଼ା ନିର୍ବାଚନମଣ୍ଡଳୀ ଦାୟିତ୍ୱ

**ନୂଆ ରଣନୀତି ପ୍ରସ୍ତୁତ କରୁଛି ବିଜେଡି**

ରାୟଗଡ଼ା,୮।୪(ସ୍ୱ.ପ୍ର.)

ରାୟଗଡ଼ା ଜିଲା ରାଜନୀତିରେ ସମୀକରଣ ବଦଳୁଛି। ଆସନ୍ତା ସାଧାରଣ ନିର୍ବାଚନରେ ୩ ପ୍ରମୁଖ ଦଳ ବିଜେଡ଼ି, କଂଗ୍ରେସ ଓ ଭାଜପା ମଧ୍ୟରେ ଜୋରଦାର ଲଢ଼େଇ ହେବ। ତେବେ ବିଜେଡ଼ିକୁ ଭାଜପା ଓ କଂଗ୍ରେସ କଡ଼ା ଟକ୍କର ଦେବା ସମ୍ଭାବନା ରହିଛି। ତେଣୁ ବିଜେଡ଼ି ନୂଆ ରଣନୀତି ପ୍ରସ୍ତୁତ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାୟଗଡ଼ା ଜିଲାର ୩ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ବିଜେଡିର ୩ ପ୍ରମୁଖ ନେତା ବୁଝିବେ। ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓଙ୍କ ଦବ୍‌ଦବା ଅଧିକା ରହିଥିବାରୁ ତାଙ୍କୁ ଦାୟିତ୍ୱ ମିଳିପାରେ ବୋଲି କର୍ମୀ ମହଲରେ ଚର୍ଚ୍ଚା ଜୋର ଧରିଛି। ୨୦୧୯ ନିର୍ବାଚନରେ ରୟଗଡ଼ା ଆସନ ପାଇଁ ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ବିଜେଡ଼ିରୁ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲେ। କଂଗ୍ରେସ ଓ ଭାଜପା ପଛରେ ପଡ଼ିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ନିର୍ବାଚନ ଜିତିଥିଲେ। ବିଧାୟକ ହେବା ପରେ ସେ ପ୍ରଥମେ ପରୋକ୍ଷ ଭାବେ ବିଜେଡ଼ିକୁ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବିଜେଡ଼ିର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ତେଣୁ ଏଥର ରାୟଗଡ଼ାରୁ ମକରନ୍ଦ ପ୍ରାର୍ଥୀ ହେବା ନେଇ ମଧ ଚର୍ଚ୍ଚା ଚାଲଛି। ସେହିପରି ରାୟଗଡ଼ା ନିର୍ବାଚନ ମଣ୍ଡଳୀ ପାଇଁ କେତେଜଣ ନୂଆ ଯୁବ ନେତା ମଧ ଆଶାୟୀ ରହିଛନ୍ତି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ରାୟଗଡ଼ା ବ୍ଲକ ଓ ରାୟଗଡ଼ା ପୌର ପରିଷଦର ଦାୟିତ୍ୱ ନେଇ ପୁଣି ନିଜ କମାଲ ଦେଖାଇଥିଲେ ଭାସ୍କର ରାଓ। ନିପୁଣ ରାଜନୈତିକ ଚାଲ ଯୋଗୁ ଏକଦା କଂଗ୍ରେସଗଡ଼ ବୋଲାଉଥିବା ଅବିଭକ୍ତ କୋରାପୁଟ ଜିଲାରେ ବିଜେଡ଼ିର ପତିଆରା ସ୍ଥାପନ କରିଥିଲେ ସେ। ତେଣୁ ଭାସ୍କର ଯଦି ରାୟଗଡ଼ା ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ନିଅନ୍ତି, ସେ ଏଥର କିଭଳି ଗୋଟିଚାଳନା କରିବେ ଏବଂ ମକରନ୍ଦ ନା ନୂଆ ମୁହଁ ବିଜେଡ଼ିରେ ଦେଖାଯିବ ତାହା ଏବେ ଚର୍ଚ୍ଚା ଚାଲିଛି। ସେପଟେ ଭାସ୍କରଙ୍କ ସହିତ ରାଜନୀତିରେ ବହୁ ବର୍ଷରୁ ଜଡ଼ିତ ରହି ଦଳ ପାଇଁ ନିଜକୁ ଉତ୍ସର୍ଗ କରିଥିବା ବହୁ ଯୁବନେତା ଟିକଟ ଲବିରେ ଅଛନ୍ତି। ଅନ୍ୟପକ୍ଷରେ ଲାଲ ବିହାରୀ ହିମିରିକାଙ୍କୁ ନେଇ ଭାସ୍କର ପୁଣି ଥରେ ଗୋଟି ଚାଳନା କରିପାରନ୍ତି ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି।ତେବେ ରାଜନୀତିର ଟିକଟ ଦୌଡ଼ରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, କାଶୀପୁର ବ୍ଲକ ଅଧ୍ୟକ୍ଷ କର୍ଣ୍ଣେଶ୍ୱର ମାଝି ଓ କିଛି ନୂଆ ମୁହଁ ମଧ ରହିଛନ୍ତି। ଜିଲାରେ ବିଜେଡ଼ିର ଗୋଷ୍ଠୀ କନ୍ଦଳ ଦଳ ପାଇଁ ପରାଜୟର କାରଣ ହୋଇପାରେ ବୋଲି ମଧ ରାଜନୈତିକ ପର୍ଯ୍ୟବେକ୍ଷକ ମତ ପ୍ରକାଶ କରିଛନ୍ତି। କାରଣ ଗତ ନିର୍ବାଚନରେ ବିଜେଡ଼ି ଏହି ଗୋଷ୍ଠୀ କନ୍ଦଳ କାରଣରୁ ପରାଜୟର ଶିକାର ହୋଇଥିଲା ବୋଲି ପର୍ଯ୍ୟବେକ୍ଷକମାନେ କହିଛନ୍ତି। ହେଲେ ବର୍ତ୍ତମାନ ଦେଖିବାକୁ ବାକି ରହିଲା, ବିଜେଡ଼ି ଏଥର କେଉଁ ସମୀକରଣରେ ରାଜନୀତି ଗୋଟି ଚାଳନା କରୁଛି।

**କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ**

ମାଲକାନଗିରି,(ଡି.ଏନ୍.ଏ.)-ମାଲକାନଗିରି ସଦର ମହକୁମା ଏମ୍ଭି-୪୨ ଗ୍ରାମରୁ ଜଣେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସମ୍ପୃକ୍ତ କନଷ୍ଟେବଲ ଜଣକ ନିଜ ଶ୍ୱଶୁରଘର ଏମ୍ଭି-୪୨ ଗ୍ରାମକୁ ଆସିଥିଲେ। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ଜଣାପଡ଼ିନାହିଁ ସେ ହେଲେ ସୁଶାନ୍ତ ହଲ୍‌ଦାର। ସେ ମାଲକାନଗିରି ପୋଲିସର ରିଜର୍ଭ ଅଫିସରେ କାର୍ଯ୍ୟ କରୁଥିଲେ। ଏନେଇ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୁଶାନ୍ତଙ୍କ ପକେଟରୁ ୪ ପୃଷ୍ଠାର ଏକ ହାତଲେଖା କାଗଜ ମିଳିଛି। ଏହା ତଦନ୍ତରେ ସହାୟକ ହୋଇପାରେ ବୋଲି ପୋଲିସ ଆଶା କରିଛି।



## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଜବତ

ସୁନାବେଡ଼ା,୮।୪ (ସ୍ୱ.ପ୍ର.)-କୋରାପୁଟ ଜିଲା ସୁନାବେଡ଼ା ପୋଲିସ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୂର୍ବାହ୍ନ ୧୧ଟାରେ ଦାମନଯୋଡ଼ି ଇଣ୍ଟେକ ରାସ୍ତାରେ ଥିବା କୋଲାବ ଜଳଭଣ୍ଡାରକୁ ଚଉଗାଁ ଗ୍ରାମର କେତେଜଣ ଯୁବକ ଶୌଚହେବାକୁ ଯାଇଥିଲେ। ଏହି ସମୟରେ ପାଣିରେ ଏକ ମୃତଦେହ ଭାସୁଥିବା ଦେଖି ସେମାନେ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସେମିଲିଗୁଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକମାନଙ୍କ ସହାୟତାରେ ମୃତଦେହକୁ ପାଣିରୁ ବାହାର କରିଥିଲେ। ସୁନାବେଡ଼ା ଏସ୍ଆଇ ନୀଳାଦ୍ରି କହଁର,ଏଏସ୍ଆଇ କିଶୋର ଚନ୍ଦ୍ର ବେହେରା ଓ ହାବିଲଦାର ପ୍ରମୋଦ ଦଣ୍ଡସେନା ପହଞ୍ଚି ମୃତଦେହ ଜବତକରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ଏନେଇ ସୁନାବେଡ଼ା ଥାନାରେ କେସ୍ ନଂ. ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଯୁବକ(୪୦)ଙ୍କ ପରିଚୟ ଜାଣିବା ଲାଗି ପୋଲିସ ଆଖପାଖ ଅଞ୍ଚଳର ଯୁବକମାନଙ୍କୁ ପଚରାଉଚରା କରୁଛି।

### ବନ ବିଭାଗ ଦ୍ୱାରା ବିରଳ ପକ୍ଷୀ ଉଦ୍ଧାର



ଚିତ୍ରକୋଣ୍ଡା,୮।୪(ଡି.ଏନ୍.ଏ.)- ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନ ପୂଜାରୀଗୁଡ଼ା ଗ୍ରାମ ନିକଟ ସିଲେରୁ ନଦୀ କୂଳରୁ କିଛି ଲୋକ ଶୁକ୍ରବାର ଏକ ବିରଳ ପକ୍ଷୀ ଉଦ୍ଧାର କରିଥିଲେ। ଏନେଇ ଖବର ପାଇ ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଓ ବନପାଳ ମୃତ୍ୟୁଞ୍ଜୟ ସେଠି ପହଞ୍ଚି ପକ୍ଷୀକୁ ଉଦ୍ଧାର କରିବା ସହ ଏହା ବିରଳ ନୁହେଁ ବୋଲି କହିଥିଲେ। ଏହି ପକ୍ଷୀ ଡ୍ୟାମ ପାଖରେ ବେଳେ ବେଳେ ଦେଖା ଦେଉଛି। ଏହାର ନାମ ଛୋଟ ହାଡ଼ଗିଲା ପକ୍ଷୀ ବୋଲି ସେମାନେ କହିଥିଲେ। ପକ୍ଷୀଟି ଅଜୀର୍ଣ୍ଣ ହୋଇ ବାନ୍ତି କରୁଥିବାରୁ ଥଣ୍ଟରେ ସାମାନ୍ୟ ଆଘାତ ହୋଇଥିଲା। ଫଳରେ ସେ ଉଡ଼ିପାରୁନଥିଲା। ବନ ବିଭାଗ ଚିକିତ୍ସା କରାଇ ଡ୍ୟାମ ପାର୍ଶ୍ୱରେ ଛାଡ଼ି ଦେବାକୁ ସୂଚନା ଦେଇଛି।

### ପ୍ରଫେସର ନରସିଂହ ପଣ୍ଡା ଆଇକ୍ୟୁଏସି ନିର୍ଦ୍ଦେଶକ



କୋରାପୁଟ,୮।୪(ସ୍ୱ.ପ୍ର.)-ଶିକ୍ଷାବିତ୍ ପ୍ରଫେସର ନରସିଂହ ଚରଣ ପଣ୍ଡା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ (ଆଇକ୍ୟୁଏସି)ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଡିନ୍ ଏସ୍.କେ. ପାଲିତାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା, ନିରନ୍ତର ଏବଂ ସର୍ବାଙ୍ଗୀନ ଉନ୍ନତି ନେଇ ଏକ ବ୍ୟବସ୍ଥା ବିକଶିତ କରିବା ଆଇକ୍ୟୁଏସିର ଦାୟିତ୍ୱ। ଏ ନେଇ ପଣ୍ଡା ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ସେ ନିରନ୍ତର କାର୍ଯ୍ୟ କରିବେ ବୋଲି କହିଛନ୍ତି। ପଣ୍ଡା ଜାନୁୟାରୀ ୨୩, ୨୦୨୩ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ନିୟମିତ ପ୍ରଫେସର ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ପଞ୍ଜାବ ବିଶ୍ୱବିଦ୍ୟାଳୟର ସଂସ୍କୃତ ଓ ଇଣ୍ଡୋଲୋଜିକାଲ ଷ୍ଟଡିଜ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କର ବହୁ ଗବେଷଣା ସନ୍ଦର୍ଭ ଭାରତ ଓ ବିଦେଶରେ ପ୍ରଶଂସିତ ହୋଇଛି।

# ବାଲିମେଳା ଅଞ୍ଚଳରେ ବଢୁଛି ନମ୍ବରବିହୀନ ଗାଡ଼ି ଚଳାଚଳ




ମାଲକାନଗିରି ଜିଲା ବାଲିମେଳା ସହରରେ ଚଳାଚଳ କରୁଥିବା ନମ୍ବରବିହୀନ ଗାଡ଼ି।

**ବାଲିମେଳା,୮।୪(ଡି.ଏନ.ଏ.)**

■ ନୀରବଦ୍ରଷ୍ଟା ସାଜିଛି ଜିଲା ଆଞ୍ଚଳିକ ପରିବହନ ବିଭାଗ

■ ଅପରାଧ ଘଟାଇ ସହଜରେ ଖସିଯାଉଛନ୍ତି ଅପରାଧୀ

■ ନାବାଳିକା ନାବାଳକଙ୍କ ଗାଡ଼ି ଚଳାଚଳ ହୋଇଛି ଚିନ୍ତାଜନକ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳା ଅଞ୍ଚଳରେ ଦିନକୁ ଦିନ ନମ୍ବରବିହୀନ ଗାଡ଼ି ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। ଲାଇସେନ୍ସ ଓ ଗାଡ଼ିର ଆବଶ୍ୟକ କାଗଜପତ୍ର ନ ଥାଇ ଅନେକ ଗାଡିପ୍ରତ୍ୟହ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। ଜିଲା ଆଞ୍ଚଳିକ ପରିବହନ ବିଭାଗ (ଡିଆର୍‌ଟିଓ) ଏବଂ ପୋଲିସ ନୀରବଦ୍ରଷ୍ଟା ପାଲଟିଛନ୍ତି। ଏଭଳି ଗାଡ଼ିଗୁଡିକ ମଧ୍ୟରେ ଅଟୋ, ଟ୍ରାକ୍ଟର,ଭ୍ୟାନ୍, ବେସରକାରୀ ସ୍କୁଲ ଭ୍ୟାନ୍ ସହ ଅନ୍ୟାନ୍ୟ ଗାଡ଼ି ରହିଛି। ପରିବହନ ବିଭାଗ ଦୀର୍ଘଦିନ ହେଲା ଗାଡ଼ି ମୋଟର ଯାଞ୍ଚ କରୁ ନ ଥିବାରୁ ଏପରି ନମ୍ବରବିହୀନ ଗାଡ଼ି ସଂଖ୍ୟା ବଢ଼ିଚାଲିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚଳାଚଳ କରୁଥିବା କେତେକ ଟ୍ରାକ୍ଟର ଓ ଅଟୋ ଚାଳକଙ୍କ ଲାଇସେନ୍ସ ନାହିଁ। ମାତ୍ର ସେମାନେ ସହର ମଧ୍ୟରେ ନିର୍ଭୟରେ ଗାଡ଼ି ଚଳାଉଛନ୍ତି। ଗାଡ଼ିର ନମ୍ବର ନ ଥିବାରୁ କୌଣସି ଦୁର୍ଘଟଣା ଘଟିଲେ ଚାଳକମାନେ ମଧ୍ୟ ସହଜରେ ଖସିଯାଉଛନ୍ତି। ଅଧିକାଂଶ ଦୁଇଚକିଆ ଗାଡ଼ିର ନମ୍ବରକୁ ବିଭିନ୍ନ ରଙ୍ଗରେ ବିକୃତ କରି ଲେଖାଯାଉଥିବା ମଧ୍ୟ ଉକ୍ତ ଅଞ୍ଚଳରେ ଦେଖିବାକୁ ମିଳୁଛି। ଆର୍‌ଟିଓ କର୍ତ୍ତୃପକ୍ଷ ଏ ନେଇ ଜାଣି ସୁଦ୍ଧା ସେଭଳି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଗାଡ଼ି କିଣିବାର ୭ଦିନ ମଧ୍ୟରେ ଆର୍‌ଟିଓରେ ଗାଡ଼ି ପଞ୍ଜୀକରଣ କରି ନମ୍ବର ଲେଖିବା ନିୟମ ଥିବା ବେଳେ ଏହି ନିୟମକୁ ଉକ୍ତ ଅଞ୍ଚଳରେ ଉଲ୍ଲଂଘନ କରାଯାଉଥିବା ଜଣାପଡିଛି । ଗାଡିରେ ନମ୍ବର ପ୍ଲେଟ୍ ଲଗାଯାଉ ନ ଥିବାରୁ ଅପରାଧୀମାନେ ଏଭଳି ନମ୍ବରବିହୀନ ଗାଡ଼ିରେ ଅପରାଧ ଘଟାଇ ସହଜରେ ଖସିଯାଉଛନ୍ତି। ଏମାନଙ୍କୁ ପୋଲିସ ଧରିପାରୁନାହିଁ। ନାବାଳିକା ନାବାଳକମାନେ ମଧ୍ୟ ଏଠାରେ ବାଇକ୍ ଚଳାଇବା ଚିନ୍ତାଜନକ ହୋଇଛି। ଏ ଦିଗରେ ଧରପଗଡ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ।ଏ ସମ୍ପର୍କରେ ମାଲକାନଗିରି ଆର୍‌ଟିଓଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଫଳରେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ୧୭ରୁ ଛୁଟିରେ ରହିବେ ଫାର୍ମାସିଷ୍ଟ

**ଦଶମନ୍ତପୁର,୮।୪( ଡି.ଏନ.ଏ.)**

■ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ସଂଘ ଦେଲା ଦାବିପତ୍ର

■ ଫାର୍ମାସିଷ୍ଟଙ୍କ ଆନ୍ଦୋଳନ ବେଳେ ବନ୍ଦ ରହିବ ସବୁ ମେଡିସିନ ଷ୍ଟୋର

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟମାନେ ଆନ୍ଦୋଳନକୁ ଓହ୍ଲାଇବେ। ସେମାନେ ଓଡ଼ିଶା ଫାର୍ମାସିଷ୍ଟ ସଂଘ ଆହ୍ୱାନରେ ୫ ଦଫା ଦାବିପୂରଣ ନେଇ ଆସନ୍ତା ୧୭ରୁ ସାମୂହିକ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାର୍ଥସାରଥି ପଣ୍ଡାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି।

ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଲଳିତ ମୋହନ ବିଶୋୟୀଙ୍କ ନେତୃତ୍ୱରେ ଫାର୍ମାସିଷ୍ଟ ତ୍ରିଲୋଚନ ଜେନା, ଡୁମ୍ବାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଛବିତା ରଥ ଏବଂ ବିରିଗୁଡ଼ା ଫାର୍ମାସିଷ୍ଟ ବିପିନ ବିହାରୀ ନାଥଶର୍ମା ଏହି ଦାବିପତ୍ର ଦେଇଥିବା ଜଣାପଡ଼ିଛି। ଫାର୍ମାସିଷ୍ଟମାନଙ୍କ ମୂଳ ବେତନ ଗ୍ରେଡ୍‌କୁ ବୃଦ୍ଧି, ୨ ବର୍ଷ ଚାକିରି ପରେ ଗ୍ରେଡ୍ ପେ ଅନୁଯାୟୀ ୪୨୦୦ ଟଙ୍କା ପ୍ରଦାନ କରିବା, ୨୦୧୬ ପରିବର୍ତ୍ତେ ଅଗଷ୍ଟ ୨୦୧୩ରୁ ଚାକିରି କାଳ ଗଣନା କରି ପଦୋନ୍ନତି ଦେବା, ଫାର୍ମାସିଷ୍ଟ ପଦବୀକୁ ଫାର୍ମାସି ଅଫିସର ଭାବେ ନାମିତ କରିବା, ୨୦୧୩ ପୂର୍ବରୁ ଠିକା ନିଯୁକ୍ତି ପାଇଥିବା ସମସ୍ତ ଫାର୍ମାସିଷ୍ଟଙ୍କ କାର୍ଯ୍ୟକାଳକୁ ବରିଷ୍ଠତା ଭିତ୍ତିରେ ବିବେଚନା କରିବା ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ସୂଚନାଯୋଗ୍ୟ, ଫାର୍ମାସିଷ୍ଟମାନଙ୍କ ଆନ୍ଦୋଳନ ସମୟରେ ସମସ୍ତ ମେଡିସିନ ଷ୍ଟୋର ବନ୍ଦ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେମାନଙ୍କ ସାମୂହିକ ଛୁଟି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



ଫାର୍ମାସିଷ୍ଟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ସରକାରୀ ସହାୟତାକୁ ଚାହିଁ ବସିଛନ୍ତି ୩ ଭଉଣୀଭାଇ

**ମାଥିଲି,୮।୪(ଡି.ଏନ.ଏ. )**

ମାଲକାନଗିରି ଜିଲା ମାଥିଲି ବ୍ଲକ ଧୂଙ୍ଗିଆପୁଟ ପଞ୍ଚାୟତର ପାତ୍ରପୁଟ ଗ୍ରାମରେ ଏକ ପରିବାରର ବାପା ଚାଲିଯିବା ପରେ ତାଙ୍କ ତିନି ସନ୍ତାନ ଅନାଥ ହୋଇପଡିଛନ୍ତି। ଏହି ଗ୍ରାମରେ ବସବାସ କରୁଥିବା ଗୌରୀ ଦୋରାଙ୍କ ପରଲୋକ ହୋଇଯିବା ପରେ ତାଙ୍କ ସ୍ତ୍ରୀ ସୁବର୍ଣ୍ଣ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଚାଲି ଯାଇଛନ୍ତି। ଫଳରେ ଗୌରୀଙ୍କ ୩ ସନ୍ତାନ ବେସାହାରା ହୋଇପଡିଛନ୍ତି। ସରକାର ସହାୟତା କହିଲେ କେବଳ ମିଳୁଥିବା କିଛି ଚାଉଳ ହିଁ ଏହି ତିନି ଭଉଣୀଭାଇଙ୍କ ଏବେ ଭରସା ପାଲଟିଛି। ସେମାନଙ୍କ ପାଖରେ ଏଯାଏ କିଛି ସରକାରୀ ସହାୟତା ପହଞ୍ଚିନି। ଗ୍ରାମର ଗୌରୀ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହିସମୟରେ ପିଲାଙ୍କୁ ସହାୟ ହେବା ବଦଳରେ ମାଆ ନିଜ ରାସ୍ତା ନିଜେ ଧରିଲେ। ଯାହାଦ୍ୱାରା ଗୌରୀଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ଏବେ ଜୀବନ ଜୀଇବା କଷ୍ଟକର ହୋଇପଡୁଛି। ଗରିବଙ୍କ ଲାଗି ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏହି ଭଉଣୀଭାଇଙ୍କ ନିକଟରେ ସେସବୁ କିଛି ପହଞ୍ଚିନାହିଁ। ଏକ ଭଙ୍ଗାଦଦରା ପଲିଥିନ ଟଣା ଘର ଭିତରେ ରହୁଥିବା ଏହି ଭଉଣୀଭାଇଙ୍କ ମଧ୍ୟରୁ ବଡ଼ ଭଉଣୀ ଦିନମଜୁରିଆ ଭାବେ ବିଭିନ୍ନ ସ୍ଥାନରେ କାମ କରି ଯାହା ଆଣନ୍ତି ସେଥିରେ ଏହି ୩ଜଣ ଚଳନ୍ତି ବୋଲି କ ମଧୁସୂଦନ ନାୟକ, ପଦ୍ମ ଦୋରା ଓ ଗୁରୁ ଦୋରା। ଏହି ଅସହାୟ ଭଉଣୀଭାଇଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଆମେ ଗ୍ରାମବାସୀ ମାଥିଲି ବ୍ଲକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳିନାହିଁ ବୋଲି କହିଛନ୍ତି। ଏ ନେଇ ମାଥିଲି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଲେ, ସେ ଏ ବିଷୟରେ ଜାଣିବା ପରେ ଗ୍ରାମକୁ ଯାଇ ଗୌରୀ ଦୋରାଙ୍କ ପରିବାର ସହ ଆଲୋଚନା କରିଛନ୍ତି। ସମ୍ପୃକ୍ତ ଭଉଣୀଭାଇଙ୍କୁ କିଛି ଆର୍ଥିକ ସହାୟତା ସହ କିଛି ଶୁଖିଲା ଖାଦ୍ୟ ଦେବା ଲାଗି ବ୍ୟବସ୍ଥା କରିଥିଲେ। ଏହି ଭଉଣୀଭାଇଙ୍କୁ ସରକାରୀ ସୁବିଧା ଯେପରି ମିଳିବ ସେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଲକ୍ଷ୍ମୀପ୍ରିୟା କହିଛନ୍ତି।



୩ ଭଉଣୀଭାଇଙ୍କୁ ପଚାରି ବୁଝୁଛନ୍ତି ଜିଲା ପରିଷଦ ସଭ୍ୟା।

■ ବାପା ଚାଲିଯିବା ପରେ ଅନ୍ୟତ୍ର ଚାଲିଗଲେ ମାଆ

■ ବଡଭଉଣୀ ମଜୁରି ଖଟି ୨ଭଉଣୀ ଭାଇଙ୍କୁ ଖାଇବାକୁ ଦେଉଛନ୍ତି

■ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି: ଜିଲା ପରିଷଦ ସଭ୍ୟା

## ଲୋଭ,ତନ୍ତ୍ରମନ୍ତ୍ରର କଥା କହିଲା ‘ଶୁଖିଲା ନଈର ସୁଅ’ ‘ଡାହି’

**ଦାମନଯୋଡି,୮।୪(ଡି.ଏନ.ଏ.)**

ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବର ଶନିବାର ମଞ୍ଚସ୍ଥ ହୋଇଛି ନାଟକ ‘ଶୁଖିଲା ନଈର ସୁଅ’ ଓ ‘ଡାହି’। ଏହାକୁ ନାଲକୋ ଇଡି ସୁଶିଲ ପାଢ଼ୀ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିଥିଲେ। କଟକର ‘ଶ୍ରଦ୍ଧାଞ୍ଜଳି’ର ‘ଶୁଖିଲା ନଈର ସୁଅ’କୁ ପ୍ରମୋଦ ରଞ୍ଜନ ମହାନ୍ତିଙ୍କ ରଚନା କରିଥିଲେ। ନାଟକରେ ନାୟିକା ପ୍ରେମିକ ପ୍ରରୋଚନାରେ ସମ୍ପତ୍ତି ଲୋଭରେ ଜଣେ ପାଗଳଙ୍କୁ ବିବାହ କରିଥିଲେ। ତେବେ ପରେ ବଦଳିଯାଇଛି ତାଙ୍କ ମନ। ପାଗଳଙ୍କୁ ତାଙ୍କ ଜୀବନର ସର୍ବସ୍ୱ ମନେକରି ଜୀବନ ଜୀଇଁଛନ୍ତି। ସୋହେଲା ଡ୍ରାମା ଚେତନାର ମଞ୍ଚସ୍ଥ ନାଟକ ଥିଲା ‘ଡାହି’। ରାଜେଶ କାରିଆଙ୍କ ରଚିତ ଏହି ନାଟକକୁ ଡ. ତୁଷାରକାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ଆପଣାଇ ସବୁ କ୍ଷେତ୍ରରେ ସଫଳତା ପାଉ ନ ଥିବା ମଣିଷ ମନ୍ତ୍ରତନ୍ତ୍ରର ଆଶ୍ରୟ ନେଉଛି। ଏପରି ଏକ ଭାବବୋଧକୁ ତୋଳି ଧରିଥିଲା ‘ଡାହି’। କ୍ଷୀରୋଦ, କନକ, ଦିଲ୍ଲୀପ ତୁଳସୀରାମଙ୍କ ଅଭିନୟ ‘ଡାହି’କୁ ନୂଆ ରୂପ ଦେଇଥିଲା। କିଶୋର ଗଡତିଆଙ୍କ ପରିଚାଳିତ ଏହି ନାଟକ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିଥିଲା। ନାଟ୍ୟ ମହୋତ୍ସବକୁ ସମ୍ପାଦକ ଶିଶିର ମିଶ୍ର, ଶିଶିର ପରିଡ଼ା, ବିଶ୍ୱଜିତ ମିଶ୍ର, ପଞ୍ଚାନନ ସାଠୁଆ ଓ ଶିବ ଦାସ ପରିଚାଳନା କରିଥିଲେ।

## ଭିଟାମିନଯୁକ୍ତ ଚାଉଳ ବ୍ୟବହାର ସମ୍ପର୍କିତ ସଚେତନତା ଶିବିର

**କୋରାପୁଟ,୮।୪(ସ୍ୱ.ପ୍ର)**

କୋରାପୁଟ ଜିଲା ଲମତାପୁଟ ବ୍ଲକ ସଭାଗୃହରେ ଭିଟାମିନଯୁକ୍ତ ଚାଉଳ ବ୍ୟବହାର ଓ ଉପକାରିତା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣଦେବ ସମାଦାର, ଅଙ୍ଗନୱାଡି କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେଇଥିଲେ। ଟେକ୍ନିକାଲ ଅଧିକାରୀ ବାସୁଦେବ କମାର, ଓପି ପ୍ରଭାକରଣ ଯୋଗଦେଇ ଭିଟାମିନଯୁକ୍ତ ଚାଉଳ ବ୍ୟବହାର ଓ ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ। ପ୍ଲାଷ୍ଟିକ ଚାଉଳକୁ ନେଇ ଲୋକଙ୍କ ମନରେ ଯେଉଁ ଆଶଙ୍କା ଥିଲା ତାହାର ଦୂରୀକରଣ ପାଇଁ ସଚେତନତା ଶିବିର ଆୟୋଜନ କରାଯାଇଥିଲା ବୋଲି ହରପାଲ କହିଛନ୍ତି। ୧ କୁଇଣ୍ଟାଲ ଚାଉଳରେ ଏକ କେଜି ଭିଟାମିନଯୁକ୍ତ ଚାଉଳ ମିଶ୍ରଣ କରାଯାଉଛି। ରକ୍ତହୀନତା ଦୂରୀକରଣ ପାଇଁ ଭିଟାମିନଯୁକ୍ତ ଚାଉଳ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ଲକରେ ହିତାଧିକାରୀମାନେ ପ୍ଲାଷ୍ଟିକ ଚାଉଳ ଦିଆଯାଉଥିବା ନେଇ ପୂର୍ବରୁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ପାତ୍ର, ପୂର୍ବତନ ଅଧ୍ୟକ୍ଷ ସୁନାଧର ଅଡାରୀ, ବଜାର ନିୟନ୍ତ୍ରକ ବୈଜୟନ୍ତୀ ସାହୁ ଓ ଚାଉଳ ଲିଟେଲରମାନେ ଉପସ୍ଥିତ ଥିଲେ ।



ଲମତାପୁଟରେ ଭିଟାମିନ୍‌ଯୁକ୍ତ ଚାଉଳ ବ୍ୟବହାର ନେଇ ପ୍ରଶାସନ ପକ୍ଷରୁ ବସିଥିବା ବୈଠକ ।

# ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚିତ୍ରକୋଣ୍ଡା,୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ବଡପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ ମାଡ଼କାମିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଜିଲା ଶିକ୍ଷା ନିରୀକ୍ଷକ ତ୍ରିଲୋଚନ ଦାଶ, ସମ୍ମାନିତ ଅତିଥି ଭାବେ ବଡପଡା ଏସ୍ଏସ୍‌ଡ଼ି ବିଦ୍ୟାଳୟ ପ୍ରଧାନଶିକ୍ଷକ ଶତ୍ରୁଘନ ସ୍ୱାଇଁ, ବଡପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ତ୍ରିପାଠୀ ଓ ଚିତ୍ରକୋଣ୍ଡା ଏସ୍ଏସ୍‌ଡି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ । ଅତିଥିମାନେ ଚିତ୍ରକୋଣ୍ଡା ଜଳଭଣ୍ଡାରର ଇତିହାସ, ସ୍ୱାଭିମାନ ଅଞ୍ଚଳର ଐତିହ୍ୟ, ଗୁରୁପ୍ରିୟା ସେତୁ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବୀତ କରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ସେକେଣ୍ଡ ହ୍ୟାଣ୍ଡ୍ କାର୍ ଦେବାକୁ କହି ଠକେଇ

**ଜୟପୁର,୮।୪(ନି.ପ୍ର.)**

**ଗାଡି ନ ମିଳିବାରୁ ଥାନାର ଦ୍ୱାରସ୍ଥ ହେଲେ ଗ୍ରାହକ**

ଜୟପୁର ସହରର ରିଂ ରୋଡ ଅଞ୍ଚଳରେ ସେକେଣ୍ଡ ହ୍ୟାଣ୍ଡ୍ କାର ବିକ୍ରି ଲାଗି ଖୋଲିଥିବା ଏକ ଶୋରୁମ ବିରୋଧରେ ଠକେଇ ଅଭିଯୋଗ ଆସିଛି। ସେକେଣ୍ଡ ହାଣ୍ଡ୍ କାର ପାଇଁ ଅର୍ଥ ଦେଇ ରାମକୃଷ୍ଣ ସାହୁ ନାମକ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ଜୟପୁର ଟାଉନଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ଶୋରୁମର ୨ ଜଣଙ୍କୁ ଥାନାକୁ ଡାକି ପୋଲିସ ପଚାରାଉଚରା କରୁଛି। ଉଭୟ ପକ୍ଷ ଆପୋଷ ବୁଝାମଣାରେ ରାମକୃଷ୍ଣଙ୍କ ଟଙ୍କା ଫେରାଇ ଦେବାକୁ ଟାଉନଥାନା ଅଧିକାରୀ ସମ୍ବିତ ବେହେରା ନିର୍ଦ୍ଦେଶ ଦେଇଛନ୍ତି।

ଖବରରୁ ଜଣାପଡିଛି, ୨ମାସ ତଳେ ରିଂ ରୋଡରେ ଥିବା ଏକ କମ୍ପାନୀର ସେକେଣ୍ଡ ହ୍ୟାଣ୍ଡ୍ କାର କିଣିବାକୁ ଶୋରୁମ୍‌କୁ ରାମକୃଷ୍ଣ ଯାଇଥିଲେ। ତାଙ୍କୁ ଗୋଟିଏ ଏକ୍ସୟୁଭି-୩୦୦କାର ଦେଖାଇବା ସହ ୭ଲକ୍ଷ ୧୫ହଜାର ଟଙ୍କାର ପଡିବ ବୋଲି ଶୋରୁମ ମାଲିକ କହିଥିଲେ। ପୂର୍ବରୁ ଗାଡି ଯାହାଙ୍କ ନାମରେ ରହିଥିଲା ସେହି ବ୍ୟକ୍ତିଙ୍କ ନାମରେ ଅର୍ଥଲଗାଣକାରୀ ସଂସ୍ଥାର ଥିବା ବକେୟା ଟଙ୍କା ବାନ୍ଧିବା ପରେ ଗାଡି ଦେବାକୁ ରାମକୃଷ୍ଣ କହିଥିଲେ। ତେବେ ସେସବୁ କାଗଜପତ୍ର ଠିକ ଥିବା ଏବଂ ଅର୍ଥଲଗାଣକାରୀ ସଂସ୍ଥାର ଟଙ୍କା ବାକି ନ ଥିବା କହି ଶୋରୁମ୍ ତାଙ୍କଠାରୁ ୭ଲକ୍ଷ ୧୫ହଜାର ନେଇଥିଲା। ପରେ ରାମକୃଷ୍ଣ ପୁଣି ଗାଡି ସଜାଡିବା ପାଇଁ ୫୦ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ତାଙ୍କୁ ଗାଡି ଯେଉଁଦିନ ଡେଲିଭରି ଦେବାର ଥିଲା ସେଦିନ ସେ ଯିବା ପରେ ଉକ୍ତ ଗାଡିଟି ସେଠାରେ ନ ଥିବା ରାମକୃଷ୍ଣ ଜାଣିବାକୁ ପାଇଥିଲେ। ଅନ୍ୟ କମ୍ପାନୀର ଗାଡି ନେବାକୁ ଶୋରୁମ ମାଲିକ ତାଙ୍କୁ କହିଥିଲେ ବୋଲି ରାମକୃଷ୍ଣ କହିଛନ୍ତି। ପରେ ରାମକୃଷ୍ଣଙ୍କୁ ସେଦିନଠାରୁ ଶୋରୁମ୍ ମାଲିକ ବାରମ୍ବାର ଦୌଡାଇବା ସହ ନିଜ ପ୍ରାପ୍ୟ ପାଇବା ଲାଗି ୨ଟି ଚେକ୍ ଦେଇଥିଲେ। ଉକ୍ତ ଚେକ ବ୍ୟାଙ୍କରେ ଜମା କରିବା ପରେ ସେଥିରେ କିଛି ଟଙ୍କା ନ ଥିବା ସେ ଜାଣିବାକୁ ପାଇଥିଲେ। ଏପରିକି ଶୋରୁମର ଦୁଇ ଜଣ ମାଲିକ ତାଙ୍କୁ ଧମକଚମକ ଦେଇଥିବା ରାମକୃଷ୍ଣ ଅଭିଯୋଗ କରିଛନ୍ତି। ପୋଲିସ ହସ୍ତକ୍ଷେପ ପରେ ଶୋରୁମ ମାଲିକ ତାଙ୍କ ଟଙ୍କା ଫେରସ୍ତ ଦେବାକୁ କହିଥିବା ଏବଂ ଏନେଇ ଥାନାରେ ଆଲୋଚନା ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# କାଳବୈଶାଖୀରେ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଞ୍ଚିଲେ ଶରତ

**ମାଲକାନଗିରି,୮।୪(ଡି.ଏନ.ଏ.)**

ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତରେ ଗତ ୧ ତାରିଖରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝିଛନ୍ତି ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା। ସେ ଶନିବାର ପଦ୍ମଗିରି ଅଞ୍ଚଳର ଏମ୍ଭି-୧୦୧, ତଳସାହି ଏବଂ ଚନ୍ଦନଗୁଡାରେ ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନଙ୍କୁ ଖୁବ୍‌ଶୀଘ୍ର ସହାୟତା ଯୋଗାଇ ଦେବାକୁ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଥିଲେ। କାଳବୈଶାଖୀ ଯୋଗୁ ପଦ୍ମଗିରି ସମେତ ଏମଭି-୧୦୧, ପଦ୍ମଗିରି ତଳସାହି, ମଝିସାହି, ଡଙ୍ଗରଗୁଡା, ଏମ୍ଭି-୮୪ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅନେକ ଘରର ଟିଣ ଉଡିଯିବା ସହ ବଡବଡ ଗଛ ଉପୁଡି ପଡିଥିଲା। ସରକାରୀ ଉଚ୍ଚବିଦ୍ୟାଳୟର ଶ୍ରେଣୀଗୃହ ଟିଣ ଉଡି ଗଛରେ ଲାଗିଥିବା ଦେଖିବାକୁ ମିଳିଥିଲା । ବିଦ୍ୟୁତ୍ ସରବରାହ ବନ୍ଦ ରହି ପଦ୍ମଗିରି ପଞ୍ଚାୟତ ଦୀର୍ଘ ସମୟ ଧରି ଅନ୍ଧାରରେ ଥିଲା । କ୍ଷତିଗ୍ରସ୍ତ ପରିବାର କ୍ଷତିପୂରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଦାବିପତ୍ର ଦେଇ ଫେରିଥିଲେ।



କ୍ଷତିଗ୍ରସ୍ତ ପରିବାରକୁ ଭେଟୁଛନ୍ତି କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା।

# ସ୍ୱାସ୍ଥ୍ୟ ହିଁ ସମ୍ପଦ ବାର୍ତ୍ତା ଦେଲେ ଡାକ୍ତର

**ମାଲକାନଗିରି,୮।୪(ଡି.ଏନ୍.ଏ.)**

**ବିଶ୍ୱ ସ୍ୱାସ୍ଥ୍ୟ ଦିବସ**

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ନିକଟରେ ସବୁ ସମ୍ପଦ କ୍ଷଣସ୍ଥାୟୀ। ଏପରି ସ୍ଥଳେ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ଏବଂ ଏଥିରେ ଅବହେଳା ନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟର ଯତ୍ନ ନ ନେଲେ ଯେତେ ଅର୍ଥ ଥିଲେ ମଧ୍ୟ ତାହା ମୂଲ୍ୟହୀନ ବୋଲି ସେମାନେ କହିଛନ୍ତି। ଶୁକ୍ରବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଅନିଲ ମିଶ୍ର, ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ବିପିଏଚ୍‌ଓ ଡା. ସନ୍ତୋଷ ମିଶ୍ର, ଶିଶୁରୋଗ ବିଶେଷଜ୍ଞ ଡା. ନିହାର ରଞ୍ଜନ ତ୍ରିପାଠୀ, ବିଶେଷଜ୍ଞ ଡା. ସତ୍ୟନାରାୟଣ ଦେଓ, ଏଡିପିଏଚ୍ଓ ପ୍ରମୁଖ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୪୮ରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତିବର୍ଷ ଏପ୍ରିଲ ୭କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରୁଛି। ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିବା, ଯୋଗ, ବ୍ୟାୟାମ, ସୁଷମ ପୁଷ୍ଟିକର ଖାଦ୍ୟ ଖାଇବା ଲାଗି ପରାମର୍ଶ ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। କେନ୍ଦ୍ର ଏବଂ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଜନସାଧାରଣ ସଚେତନ ନ ଥିବାରୁ ଏଥିରୁ ସୁଫଳ ପାଉନାହାନ୍ତି। ପ୍ରତ୍ୟେକ ନାଗରିକ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ହେଲେ ସେମାନେ ନୀରୋଗ ଓ ଦୀର୍ଘାୟୁ ହୋଇପାରିବେ ବୋଲି ବିଶେଷଜ୍ଞ ଡାକ୍ତରମାନେ ମତ ପ୍ରକାଶ କରିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

